ବର୍ଷ-୨୫, ସଂଖ୍ୟା-୩୨୪
ଭୁବନେଶ୍ୱର
୦୬, ଡିସେମ୍ବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 324
Bhubaneswar
06, December, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ଭାରତ-ଋଷ ମଧ୍ୟରେ ଏକାଧିକ ଚୁକ୍ତି

ନୂଆଦିଲ୍ଲୀ,୫।୧୨(ସ୍ୱାଧିକାରନ୍ୟୁଜ): ଭାରତ ଏବଂ ଋଷର ସମ୍ପର୍କ ଧ୍ରୁବ ତାରା ସଦୃଶ । ବିଗତ ଆଠ ବର୍ଷ ମଧ୍ୟରେ ବିଶ୍ୱରେ ଅନେକ ଉତଥାନ ପତ୍ତନ ଆସିଛି । ମାନବ ସମାଜକୁ ଅନେକ ପରୀକ୍ଷା ଏବଂ ସଙ୍କଟରେ ଗତି କରିବାକୁ ପଡ଼ିଛି। ଏସବୁ ମଧ୍ୟରେ ଭାରତ-ଋଷର ବନ୍ଧୁତା ଧ୍ରୁବ ତାରା ଭଳ ସ୍ଥିର ରହିଛି। ମିଳିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ଦେଶର ବନ୍ଧୁତାକୁ ନେଇ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଉଭୟ ଦେଶ ପରସ୍ପରକୁ ଆର୍ଥିକ ସହଯୋଗକୁ ପ୍ରାଥମିକତା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଆଜି ଅନେକ ଗୁରୁତ୍ୱ ପୂର୍ଣ୍ଣ ସହଭାଗିତା ଉପରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ପୂର୍ବଭଳି ବାଣିଜ୍ୟିକ ସମ୍ପର୍କର ଜାରି ରହିବ ଏବଂ ମିଳିମିଶି ଆତଙ୍କବାଦୀ ଉପରେ ପ୍ରହାର କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ଉଭୟ ଦେଶ ଶୀର୍ଷ ନେତୃତ୍ୱ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିଛନ୍ତି। ମୋଦି କହିଛନ୍ତି ଋଷ ଏବଂ ୟୁକ୍ରେନ୍ ମଧ୍ୟରେ ଭାରତ ସବୁବେଳେ ଶାନ୍ତିର ପକ୍ଷ ରଖିଛି। ସେହିଠାରେ ପୁତିନ କହିଛନ୍ତି ଯେ ବିନା କୌଣସି ଘରୋଇ ଚାପରେ ଦୁଇ ଦେଶ ମଧ୍ୟରେ ତୈଳ ବାଣିଜ୍ୟ ଚାଲୁ ରହିବ। ପୁଟିନ ଅନେକ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଛନ୍ତି । ସୁରକ୍ଷା, ଅର୍ଥବ୍ୟବସ୍ଥା, ବାଣିଜ୍ୟ, ଏବଂ ସଂସ୍କୃତିକୁ ମଜବୁତ କରିବାକୁ ଦୁଇ ଦେଶର ବନ୍ଧୁତା ପ୍ରତିବଦ୍ଧ ଅଟେ ବୋଲି ପୁତିନ କହିଛନ୍ତି । ଭାରତ ଓ ଋଷ ଆର୍ଥିକ ଭାଗିଦାରୀକୁ ଏକ ନୂତନ ଶିଖରରେ ପହଁଚାଇବାକୁ ଆମର ପ୍ରାଥମିକତା । ୨୦୩୦ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ଆର୍ଥିକ ସହଯୋଗ ଜାରି ରହିବ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏବଂ ଋଷ ୟୁରେସିଆନ୍ ଅର୍ଥନୈତିକ ୟୁନିଅନ ସହିତ ଯଥାଶୀଘ୍ର ଏକ ଏଫଟିଏ ଚୂଡ଼ାନ୍ତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଭାରତ ଋଷ ନାଗରିକଙ୍କ ପାଇଁ ୩୦ ଦିନ ପାଇଁ ବୈଧ ମାଗଣା ଇ-ପର୍ଯ୍ୟଟକ ଭିସା ପ୍ରଚଳନ କରିବ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଭାରତ ଏବଂ ଋଷ ଦୀର୍ଘଦିନ ଧରି ଆତଙ୍କବାଦ ବିରୁଦ୍ଧରେ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛନ୍ତି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା କ୍ରୋକସ୍ ସିଟି ହଲ୍ ଉପରେ କାପୁରୁଷୋଚିତ ଆକ୍ରମଣ, ଏହି ସମସ୍ତ ଘଟଣାର କାରଣ ସମାନ । ଭାରତ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଆତଙ୍କବାଦ ମାନବତାର ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ ଏବଂ ଏହା ବିରୁଦ୍ଧରେ ବିଶ୍ୱ ସଂହତି ଆମର ସବୁଠାରୁ ବଡ଼ ଶକ୍ତି । ଭାରତ ଏବଂ ଋଷର ମିଳିତ ଜାତିସଂଘ, ଜି୨୦, ବ୍ରିକ୍ସ, ଏସ୍‌ସିଓ ଏବଂ ଅନ୍ୟାନ୍ୟ ମଞ୍ଚରେ ଘନିଷ୍ଠ ସହଯୋଗ ରହିଛି। ଆମେ ଏହି ସମସ୍ତ ମଞ୍ଚରେ ଆମର ଆଲୋଚନା ଏବଂ ସହଯୋଗ ଜାରି ରଖିବୁ।' ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଏହି ବର୍ଷ ଅକ୍ଟୋବରରେ କାଲମିକିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବୌଦ୍ଧ ଫୋରମରେ ଲକ୍ଷ ଲକ୍ଷ ଭକ୍ତ ଭଗବାନ ବୁଦ୍ଧଙ୍କ ପବିତ୍ର ମୂର୍ତ୍ତି ଦର୍ଶନ କରିଥିଲେ ଏବଂ ଆଶୀର୍ବାଦ ଗ୍ରହଣ କରିଥିଲେ । ମୁଁ ଖୁସି ଯେ ଆମେ ଶୀଘ୍ର ଋଷ ନାଗରିକଙ୍କ ପାଇଁ ୩୦ ଦିନିଆ ମାଗଣା ଇ-ଟୁରିଷ୍ଟ ଭିସା ଏବଂ ୩୦ ଦିନିଆ ଗୋଷ୍ଠୀ ପର୍ଯ୍ୟଟନ ଭିସା ପ୍ରଚଳନ କରିବୁ।'



ଋଷ ରାଷ୍ଟ୍ରପତି ପୁଟିନ କହିଛନ୍ତି, ଋଷ ପ୍ରତିନିଧିମଣ୍ଡଳକୁ ଦିଆଯାଇଥିବା ଉଷ୍ମ ଏବଂ ଆତିଥ୍ୟପୂର୍ଣ୍ଣ ସ୍ୱାଗତ ପାଇଁ ମୁଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଭାରତର ପ୍ରଧାନମନ୍ତ୍ରୀ ଏବଂ ମୋର ସମସ୍ତ ଭାରତୀୟ ସହକର୍ମୀଙ୍କୁ ଧନ୍ୟବାଦ ଜଣାଉଛି। ରାତ୍ରୀଭୋଜନ ପାଇଁ ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଉଛି। ବର୍ଦ୍ଧିତ ଭାରତୀୟ ଅର୍ଥନୀତିକୁ ଇନ୍ଧନର ନିରବଚ୍ଛିନ୍ନ ଯୋଗାଣ ଜାରି ରଖିବାକୁ ଋଷ ପ୍ରସ୍ତୁତ ଅଛି। ମୁଁ ବିଶ୍ୱାସ କରେ ଯେ ଆଗାମୀ ବର୍ଷଗୁଡ଼ିକରେ, ଭାରତ-ଋଷ ବନ୍ଧୁତା ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଶକ୍ତି ପ୍ରଦାନ କରିବ, ଏବଂ ଏହି ଆତ୍ମବିଶ୍ୱାସ ଉଭୟଙ୍କ ଭବିଷ୍ୟତକୁ ଆହୁରି ସମୃଦ୍ଧ କରିବ। ଋଷ ରାଷ୍ଟ୍ରପତି କହିଛନ୍ତି ଯେ ଭାରତ-ଋଷ ଦ୍ୱିପାକ୍ଷିକ ବାଣିଜ୍ୟ ଗତ ବର୍ଷ ୧୨% ବୃଦ୍ଧି ପାଇଛି, ଯାହା ଏକ ରେକର୍ଡ ଅଟେ। ଏହା ପ୍ରାୟ ୬୪ ବିଲିୟନ ଆମେରିକୀୟ ଡଲାରକୁ ପ୍ରତିନିଧି କରେ। ଏହି ବାଣିଜ୍ୟ ୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଏପରି ଚ୍ୟାଲେଞ୍ଜଗୁଡ଼ିକର ତାଲିକା ଦେଇଛନ୍ତି ଯାହାକୁ ସର୍ବାଧିକ ଧ୍ୟାନ ଦେବା ଆବଶ୍ୟକ। ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆର୍ଥିକ ସମ୍ପର୍କ ବିକାଶରେ ସହାୟକ ହେବ।

ଆଜି ସକାଳେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବଲେ ପୁଟିନ। ସେ ବାପୁଙ୍କ ସମାଧିରେ ମୁଣ୍ଡ ନୁଆଇଁ ପରିକ୍ରମା କରିଛନ୍ତି। ଏହା ସହିତ ଏକ ପୁଷ୍ପ ଚକ୍ର ଚଢ଼ାଇ ବାପୁଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକଟ କରିଛନ୍ତି । ରାଜଘାଟର ସ୍ମାରିକାରେ ପୁଟିନ ଦସ୍ତଖତ ମଧ୍ୟ କରିଛନ୍ତି । ଏହା ପରେ ରାଷ୍ଟ୍ରପତି ଭବନରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଛି । ଏଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ପୁଟିନ ସିଧାସଳଖ ହାଇଦ୍ରାବାଦ ହାଉସ ପହଞ୍ଚିଥିଲେ।

ହାଇଦ୍ରାବାଦ ହାଉସରେ ପିଏମ ମୋଦୀ କହିଛନ୍ତି, ଆପଣଙ୍କ ସ୍ୱାଗତ ପାଇଁ ସ୍ୱାଗତ ମିଳିଛି । ଗତକାଲିଠୁ ପ୍ରତିନିଧିମଣ୍ଡଳ ବୈଠକରେ ବ୍ୟସ୍ତ ଅଛନ୍ତି । ଆପଣଙ୍କ ଏହି ଯାତ୍ରା ବହୁତ ଐତିହାସିକ । ୨୦୦୧ରେ ଯେବେ ଆପଣ କାର୍ଯ୍ୟଭାର ସମ୍ଭାଳିଲେ ସେହି ସମୟରେ ଦୁଇ ଦେଶର ସମ୍ବନ୍ଧରେ ଏକ ମଜବୁତ ମୂଳଦୁଆ ପକାଇଥିଲେ । ଦ୍ୱିପାକ୍ଷିକ ବାର୍ତ୍ତା ଆଲୋଚନା ହେବା ପୂର୍ବରୁ ପିଏମ ମୋଦୀ କହିଛନ୍ତି, ୨୦୦୧ରେ ଆପଣ ଯେଉଁଭୂମିକା ନିର୍ବାହ କରିଛନ୍ତି, ଏହା ଏକ ଦୂରଦର୍ଶୀ ନେତା ଭାବେ ଆପଣଙ୍କୁ ପରିଚୟ ଦେଇଛି । ଏହାର ଏକ ଉତ୍ତମ ଉଦାହରଣ ହେଉଛି ଭାରତ ଓ ଋଷ ସମ୍ବନ୍ଧ । ୟୁକ୍ରେନ ସଙ୍କଟ ପରେ ଆମ ମଧ୍ୟରେ ଲଗାତାର ଆଲୋଚନା ଚାଲିଛି ।

## ସୁଧ ହାର କମାଇଲା ଆରବିଆଇ

ନୂଆଦିଲ୍ଲୀ,୫।୧୨(ମହାଭାରତ): ଭାରତୀୟ ରିଜର୍ଭ ବ୍ୟାଙ୍କ ଆଜି ନୂତନ ସୁଧ ହାର ଘୋଷଣା କରିଛି। ଏଥର ସୁଧ ହାର ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇଛି। ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ ଶେଷ ହେଲା ପରେ ଶୁକ୍ରବାର ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସୁଧ ହାର ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କର ଘୋଷଣା ଅନୁସାରେ ନୂତନ ରେପୋ ହାର ବର୍ତ୍ତମାନ ୫.୫%ରୁ ୫.୨୫%କୁ ହ୍ରାସ କରାଯାଇଛି। ରେପୋ ହାର ହ୍ରାସ ସମସ୍ତ ପ୍ରକାରର ଋଣ ଶସ୍ତା କରିବ। ଏହା ପୂର୍ବରୁ ଏମ୍‌ପିସିର ଶେଷ ବୈଠକ ଅକ୍ଟୋବର ୧ରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ୫.୫% ରେ ସ୍ଥିର ରଖିଥିଲା। ସୁଧ ହାର ହ୍ରାସ ଉପରେ ବିଶେଷଜ୍ଞମାନେ ଦୁଇ ଭାଗରେ ବିଭକ୍ତ ହୋଇଥିଲେ। ଅଧିକାଂଶ ଅର୍ଥନୀତିଜ୍ଞ ସୁଧ ହାରରେ କୌଣସି ପରିବର୍ତ୍ତନ ଆଶା କରୁଥିଲେ। ଶିଳ୍ପ ସଂସ୍ଥା ସହିତ ଜଡିତ କିଛି ବ୍ୟକ୍ତି ବିଶ୍ୱାସ କରୁଥିଲେ ଯେ ହାର ହ୍ରାସ ପାଇଁ ଏହା ଉପଯୁକ୍ତ ସମୟ। ଅର୍ଥନୀତିଜ୍ଞଙ୍କ କହିବା ଅନୁସାରେ ଦୃଢ଼ ଅର୍ଥନୈତିକ ସୂଚକ କେନ୍ଦ୍ରୀୟ ବ୍ୟାଙ୍କକୁ ଏହାର ବର୍ତ୍ତମାନର ନୀତି ହାର ବଜାୟ ରଖିବା ପାଇଁ ନେତୃତ୍ୱ ନେବ। ୮.୨ ପ୍ରତିଶତର ଦୃଢ଼ ଜିଡିପି ଅଭିବୃଦ୍ଧି ଏବଂ କମ ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କକୁ ଏହାର ନୀତି ହାର ୫.୫ ପ୍ରତିଶତରେ ସ୍ଥିର ରଖିବାକୁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି।

## ଦୀଘା ମଡ୍ୟୁଲ୍ ମାଷ୍ଟରମାଇଣ୍ଡ୍ ଗିରଫ

ଭୁବନେଶ୍ୱର,୫।୧୨(ମହାଭାରତ); ପୋଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ସିବିଆଇ ପ୍ରଥମ ପଦକ୍ଷେପ ଗ୍ରହଣ କରିଛି । ଦୀଘା ମଡ୍ୟୁଲ୍ ମାଷ୍ଟରମାଇଣ୍ଡକୁ ସିବିଆଇ ଅଟକ ରଖିଛି । ସେ ହେଲେ ମାଷ୍ଟରମାଇଣ୍ଡ ବିରଞ୍ଚି ନାରାୟଣ ନାୟକ । ପ୍ରଥମେ ଅଟକ ରଖିବା ପରେ ଗିରଫ କରାଯାଇଛି । ପାରଳାଖେମୁଣ୍ଡିରୁ ବିରଞ୍ଚିକୁ ସିବିଆଇ ଉଠାଇ ଆଣିଥିଲା ।

ଆନ୍ଧ୍ର ଶ୍ରୀକାକୁଲମ ମଡେଲ୍ ଧରାପଡ଼ିବା ପରେ ଦୀଘା ମଡେଲକୁ ବାତିଲ କରାଯାଇଥିଲା । ଏହି ମାମଲାରେ କ୍ରାଇମବ୍ରାଞ୍ଚ ସିବିଆଇ ସମ୍ପୂର୍ଣ୍ଣ ତଦନ୍ତ ଭାର ଦେଇଛି । ସିବିଆଇ ଜଣକ ପରେ ଜଣଙ୍କୁ ଜେରା କରୁଛି । ବିରଞ୍ଚି ନାରାୟଣ ନାୟକ ବାବଦରେ କ୍ରାଇମବ୍ରାଞ୍ଚ ଟେର୍ ମଧ୍ୟ ପାଇନଥିଲା । କିନ୍ତୁ ସିବିଆଇ ବିରଞ୍ଚିକୁ ଗିରଫ କରିଛି ।

ମାମଲାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଗଞ୍ଜାମ ଜିଲା ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ସମେତ ସିଲିକନ କମ୍ପାନୀର ମାଲିକ ସୁରେଶଚନ୍ଦ୍ର ନାୟକ, ମୁଖ୍ୟ ଦଲାଲ ଅରବିନ୍ଦ ଦାସ ଓ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ସାଗର କୁମାର ଗୌଡ, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମ୍ମଦ ଖାନଙ୍କୁ ସ୍ଥାନାନ୍ତର କରାଯାଇଛି।

## ବାହାଘର ପାଇଁ ଝିଅଙ୍କୁ ଟଙ୍କା ଦେବେ ରାଜ୍ୟ ସରକାର

ଭୁବେନଶ୍ୱର,୫।୧୨(ମହାଭାରତ): ସୁଭଦ୍ରା ଯୋଜନା ପରେ ଓଡ଼ିଶାରେ ନୂଆ। ଯୋଜନା ପାଇଁ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ସରକାର ।ଏବେ ବାହାଘର ପାଇଁ ଟଙ୍କା ଦେବେ ଓଡ଼ିଶା ସରକାର। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ଗାଇଡଲାଇନ ଜାରି କରିଛନ୍ତି ସରକାର ଏନେଇ ସବୁ ଜିଲ୍ଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗକୁ ଚିଠି ଜାରି କରାଯାଇଛି। ଝିଅ ବୟସ ୧୮ରୁ ୩୫ ବର୍ଷ, ପୁଅ ବୟସ ୨୧ରୁ ୩୫ ବର୍ଷ ହୋଇଥିଲେ ମିଳିବ। ସହାୟତା ରାଶି ବିବାହ ପାଇଁ କନ୍ୟାକୁ ମିଳିବ ୫୧ ହଜାର ଟଙ୍କାର ସହାୟତା ରାଶି ।ଡିବିଟି ମାଧ୍ୟମରେ ସିଧା ଆକାଉଣ୍ଟକୁ ଯିବ। ୩୫ ହଜାର ଟଙ୍କା ଏଥିସହ ବିବାହ ଉପହାର ୧୦ ହଜାର, ଆୟୋଜନ ପାଇଁ ସଂସ୍ଥାକୁ ମିଳିବ ୬ ହଜାର ଟଙ୍କା ମିଳିବ ବିଧବା, ଦିବ୍ୟାଙ୍ଗ, ଏସ୍‌ସି/ଏସଟି /, ଆର୍ଥିକ ଅନଗ୍ରସରଙ୍କୁ ମଧ୍ୟ ମିଳିବ ସହାୟତା।

## ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

କଟକ,୫।୧୨(ମହାଭାରତ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚୀ ପ୍ରକାଶ ପାଇଛି । ଆସନ୍ତା ଫେବୃଆରୀ ୧୯ରୁ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ । ପରୀକ୍ଷା ମାର୍ଚ୍ଚ ୨ ତାରିଖରେ ଶେଷ ହେବ । ଚଳିତ ଥର ଉଭୟ ରେଗୁଲାର୍ ଏବଂ ଏକ୍ସ ରେଗୁଲାର୍ ଛାତ୍ରାଛାତ୍ରୀଙ୍କ ପରୀକ୍ଷା ସମୟ ଏବଂ ପ୍ରଶ୍ନ ପତ୍ର ସମାନ ରଖାଯାଇଛି । ଉଭୟ ରେଗୁଲାର୍ ଏବଂ ଏକ୍ସ ରେଗୁଲାର୍ ପରୀକ୍ଷା ଗୋଟିଏ ସିଟିଂ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ଶେଷ ହେବ । କେବଳ ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ । ଗଣିତ ପରୀକ୍ଷା ୧୧ଟା ୪୫ ରେ ଶେଷ ହେବ। ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଶ୍ରୀକାନ୍ତ ତରାଇଙ୍କ ସୂଚନା ମୁତାବକ, ଫେବୃଆରୀ ୧୯ ପ୍ରଥମ ଦିନ (ଗୁରୁବାର)ରେ ମାତୃଭାଷା ପାଇଁ ପରୀକ୍ଷା ଅନୁଷ୍ଠିତ ହେବ । ଦ୍ୱିତୀୟ ଦିନରେ ଫେବୃଆରୀ ୨୧ (ଶନିବାର)ରେ ଦ୍ୱିତୀୟ ଭାଷା ଇଂରାଜୀ, ଫେବୃଆରୀ ୨୩, ତୃତୀୟ ଦିନ (ବୁଧବାର)ରେ ତୃତୀୟ ଭାଷା ସଂସ୍କୃତ/ହିନ୍ଦୀ ବିଷୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ହେବେ । ଫେବୃଆରୀ ୨୫ ଚତୁର୍ଥ ଦିନ (ବୁଧବାର)ରେ ବିଜ୍ଞାନ ପରୀକ୍ଷା, ଫେବୃଆରୀ ୨୭, ପଞ୍ଚମ ଦିନ (ଶୁକ୍ରବାର)ରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୨ ଷଷ୍ଠ ଦିନ (ସୋମବାର)ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାରେ ୫୦ ମାର୍କର ଅବଜେକ୍ଟିଭ୍ ଏବଂ ୫୦ ମାର୍କ ସବଜେକ୍ଟିଭ୍ ରହିବ । ଅବଜେକ୍ଟିଭ୍ ଓଏମ୍ଆର୍ ଉତ୍ତର ସିଟ୍ ଏବଂ ସବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଖାତାରେ ସଂଲଗ୍ନ କରି ଦେବାକୁ ହେବ ।



ମୋଟ ୫ ଲକ୍ଷ ୬୦ ହଜାର ୫୧୨ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ପ୍ରାୟ ୩୦୦୦ ରୁ ଉର୍ଦ୍ଧ୍ୱ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ । ୩୧୩ଟି ପ୍ରଶ୍ନ ପତ୍ର ହବ୍ ବା ନୋଡାଲ୍ ସେଣ୍ଟର ରହିଛି । ପ୍ରଶ୍ନ ପତ୍ର ଲିକ୍ ରୋକିବାକୁ ପୂର୍ବ ବର୍ଷ ଭଳି ୱାଟର୍ ମାର୍କ ବ୍ୟବସ୍ଥା ରହିବ । ପରୀକ୍ଷା ସୁପରିଚାଳନା କରିବାକୁ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଛି । ପରୀକ୍ଷା ହବରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ଏବଂ ସିସିଟିଭି ପୁରା ନୋଡାଲ୍ ସେଣ୍ଟର୍ ରହିବ । ପରୀକ୍ଷାକୁ ସୁରୁଖୁରେ ସମ୍ପାଦନ କରିବାକୁ ସମସ୍ତ ଅଭିଭାବକ, ଶିକ୍ଷା ଅଧିକାରୀ ଏବଂ ଛାତ୍ରଛାତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି ଅଧ୍ୟକ୍ଷ ।

## ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ବଦଳିବ ପୁସ୍ତକ

ଭୁବନେଶ୍ୱର,୫।୧୨(ମହାଭାରତ): ରାଜ୍ୟର ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଓଡ଼ିଶା ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ସରକାର ଯୋଜନା କରୁଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ଏନେଇ ସୂଚନା ଦେଇଛନ୍ତି।

ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନର ପାଠ୍ୟକ୍ରମରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବ। ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ମାନକ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ସରକାର ପାଠ୍ୟକ୍ରମ ସଂଶୋଧନ ବେଳେ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ଢାଞ୍ଚାକୁ ଅନୁସରଣ କରିବାକୁ ସରକାର ଯୋଜନା କରୁଛନ୍ତି। ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପାଠ୍ୟକ୍ରମର ପୁନଃ ଡିଜାଇନ୍ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ପୂର୍ବରୁ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ପାଠ୍ୟକ୍ରମ ଢାଞ୍ଚା-୨୦୨୫' କୁ ଉନ୍ମୋଚନ କରିଥିଲେ। ଏହି ଢାଞ୍ଚା ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରସ୍ତୁତ କରାଯାଇଛି ଯାହା ଓଡ଼ିଶାର ବିଦ୍ୟାଳୟ ଶିକ୍ଷାକୁ ଜାତୀୟ ଲକ୍ଷ୍ୟ ସହ ସମକକ୍ଷ ହୋଇପାରିବ ।

## ପୁଣି ପ୍ରଶ୍ନପତ୍ର ଲିକ୍

ଭୁବନେଶ୍ୱର,୫।୧୨(ମହାଭାରତ): ଏଏନ୍‌ଏମ୍ ପରୀକ୍ଷା ବାତିଲ ହୋଇଛି। ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଆଜି ବିଧାନସଭା ଗୃହରେ କଂଗ୍ରେସ ବିଧାୟକ ରାଜନ ଏକା ପ୍ରଶ୍ନ କରିଥିଲେ। ଆଜି ୨ଟା ବେଳେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଦିନ ୧୧ଟା ବେଳେ ବଜାରରେ ପ୍ରଶ୍ନ ପତ୍ର ବିକ୍ରି ହେଉଥିବା ନେଇ ବିଧାୟକ ପ୍ରଶ୍ନ କରିଥିଲେ। ଆଜି ହେବାକୁ ଥିବା ପରୀକ୍ଷାର କିଛି ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ରିପୋର୍ଟ ଆସିଥିଲା। ପେପର ଲିକ୍ ହେବା ପରେ କର୍ତ୍ତୃପକ୍ଷ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି, ଯାହା ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖା ଦେଇଛି। ରିପୋର୍ଟ ଅନୁସାରେ, ଦ୍ୱିତୀୟ ବର୍ଷ ଛାତ୍ରଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଦିନ ୨ ଟାରେ ପରୀକ୍ଷା ଥିବା ବେଳେ ୧୧ ଟା ବେଳେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଆଜି ମିଡ୍‌ୱାଇଫେରି ବିଷୟରେ ପରୀକ୍ଷା ହୋଇଥାନ୍ତା। ଅପରାହ୍ନ ସେସନ୍ ପାଇଁ ଉଦ୍ଦିଷ୍ଟ ମିଡ୍‌ୱାଇଫେରୀ ବିଷୟର ପ୍ରଶ୍ନପତ୍ର ସକାଳ ପ୍ରାୟ ୧୧ଟା ସମୟରେ, ପରୀକ୍ଷା ଆରମ୍ଭ ହେବାର ପ୍ରାୟ ତିନି ଘଣ୍ଟା ପୂର୍ବରୁ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଅଭିଯୋଗ ହୋଇଛି। ଲିକ୍ ହେବା ଘଟଣା ପ୍ରଥମେ ମାଲକାନଗିରି ଏବଂ ବଲାଙ୍ଗିର ଜିଲ୍ଲାର ଛାତ୍ର ଏବଂ ସ୍ଥାନୀୟ ସୂତ୍ର ଦ୍ୱାରା ଜଣାପଡିଥିଲା, ଯେଉଁଠାରେ ପ୍ରଶ୍ନପତ୍ରର ସ୍କ୍ରିନସଟ୍ ବିଭିନ୍ନ ମେସେଜିଂ ପ୍ଲାଟଫର୍ମରେ ଭାଇରାଲ ହୋଇଥିବା ଜଣାପଡିଛି। ସହାୟକ ନର୍ସ ମିଡୱାଇଫେରୀ (ଇଘଗ) ଦ୍ୱିତୀୟ ବର୍ଷର ବାର୍ଷିକ ପରୀକ୍ଷା ପରିଚାଳନାରେ ଗୁରୁତର ଅନିୟମିତତା ସାମ୍ନାକୁ ଆସିଛି।



ଅନ୍ୟପଟେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଏପରି ସୁରକ୍ଷା ତ୍ରୁଟି ନର୍ସିଂ ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତାକୁ ଗୁରୁତର ଭାବରେ କ୍ଷୁର୍ଣ୍ଣ କରୁଛି। ପରୀକ୍ଷାର୍ଥୀମାନେ ଏବେ ସରକାରଙ୍କୁ ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ବ୍ୟକ୍ତି କିମ୍ବା ନେଟୱର୍କଗୁଡ଼ିକୁ ଚିହ୍ନଟ କରି ଦଣ୍ଡ ଦେବା ପାଇଁ ଏକ ବ୍ୟାପକ ତଦନ୍ତ ଆରମ୍ଭ କରିବାକୁ ଅନୁରୋଧ କରୁଛନ୍ତି। ଅପରପକ୍ଷେ ପରୀକ୍ଷା କର୍ତ୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱସନା ଦେଇ କହିଛନ୍ତି ଯେ ସମ୍ପୂର୍ଣ୍ଣ ତଦନ୍ତ ପରେ ହିଁ ନୂତନ ତାରିଖ ଘୋଷଣା କରାଯିବ।

## ଲାଞ୍ଚ ନେଇ ଧରାପଡିଲେ ଫରେଷ୍ଟର

ଭୁବନେଶ୍ୱର,୫।୧୨(ମହାଭାରତ୍.): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ବନ୍ଧବାହାଲ ସେକ୍ସନର ଫରେଷ୍ଟର ଗୌରାଙ୍ଗ ସାହୁ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି।

ଜଣେ ବ୍ୟକ୍ତି ତାଙ୍କ ଜମିରେ ଥିବା କିଛି ଶୁଖିଲା ୟୁକାଲିପଟାସ ଗଛକୁ କାଟି ଅନ୍ୟତ୍ର ପଠାଇବା ପାଇଁ ଅନୁମତି ଦେବାକୁ ଫରେଷ୍ଟର ଗୌରାଙ୍ଗ ସାହୁଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଏଥିପାଇଁ ଅନୁମତି ଦେବାକୁ ଫରେଷ୍ଟର ଶ୍ରୀ ସାହୁ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରେ ସେହି ବ୍ୟକ୍ତି ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ।ଯୋଜନା ଅନୁସାରେ ବ୍ୟକ୍ତି ଜଣଙ୍କ ଆଜି ଫରେଷ୍ଟର ଶ୍ରୀ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ଭେଟି ୫୦୦୦ ଟଙ୍କା ଦେଇଥିଲେ। ଫରେଷ୍ଟର ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଭିଜିଲାନ୍ସ ଟିମ୍‌କୁ ଦେଖି ସେଠାରୁ ଦୌଡି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ଫରେଷ୍ଟର ଶ୍ରୀ ସାହୁ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କଠାରୁ ସମସ୍ତ (୫ ହଜାର ଟଙ୍କା) ଲାଞ୍ଚ ଅର୍ଥ ଜବତ କରିଥିଲେ। ଫରେଷ୍ଟର ଶ୍ରୀ ସାହୁ ଲାଞ୍ଚ ନେଇ ଧରାପଡିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା ।ଏହି ଘଟଣା ନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି।



## 'ଓଡ଼ିଆ ଅସ୍ମିତା' ପାଇଁ ୨୦୦ କୋଟିର ସ୍ୱତନ୍ତ୍ର ପାଣ୍ଠି

ଭୁବନେଶ୍ୱର,୫।୧୨(ମହାଭାରତ): 'ଓଡ଼ିଆ ଅସ୍ମିତା'ର ଅର୍ଥ କ'ଣ ? ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତାଙ୍କର ଏପରି ପ୍ରଶ୍ନର ଉତ୍ତର ରଖିଲେ ସଂସ୍କୃତି ମନ୍ତ୍ରୀ। ବିଧାନସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉତ୍ତର ରଖି କହିଲେ ଅସ୍ମିତା ବି ମୁଁ ପଣ, ଅହଂଜ୍ଞାନ, ମୁଁ ଭାବ, ମୁଁ ଅଛି- ଏହି ଭାବ, ଆତ୍ମ ପରିଚିତି। ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରିବା, ଓଡ଼ିଶାର କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି ତଥା ଐତିହ୍ୟର ପ୍ରଚାର ପ୍ରସାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୨୦୦କୋଟି ଟଙ୍କାର ଓଡ଼ିଆ ଅସ୍ମିତା ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇଛି।

## ଦେଶର ବିଭିନ୍ନ ବିମାନବନ୍ଦରରେ ବିଶୃଙ୍ଖଳା

ନୂଆଦିଲ୍ଲୀ,୫।୧୨(ମହାଭାରତ୍.): ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବ୍ୟାଘାତ ସହିତ ସଂଘର୍ଷ କରୁଛି। ଗତ ଚାରି ଦିନ ଧରି ବିମାନର ନିରନ୍ତର ବିଳମ୍ବ ଏବଂ ବାତିଲ୍ ଯାତ୍ରୀଙ୍କ କ୍ରୋଧକୁ ବଢ଼ାଇ ଦେଇଛି। କେବଳ ଗୁରୁବାର ଦିନ ୫୫୦ରୁ ଅଧିକ ବିମାନ ବାତିଲ୍ କରାଯାଇଥିଲା। ଫଳରେ ଦିଲ୍ଲୀ, ହାଇଦ୍ରାବାଦ, ଗୋଆ ଏବଂ ମୁମ୍ବାଇ ଭଳି ପ୍ରମୁଖ ବିମାନବନ୍ଦରରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଅନେକ ଯାତ୍ରୀଙ୍କୁ ତଳେ ଶୋଇଥିବାର ଦେଖାଯାଇଥିଲା ଏବଂ ସ୍ଲୋଗାନ ଏବଂ ବିଶୃଙ୍ଖଳା ରାଜୁତି କରିଥିଲା। ଏହି ସମୟରେ ଆଜି ସକାଳ ଠାରୁ ଦିଲ୍ଲୀ ବିମାନବନ୍ଦରରେ ୨୦୦ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି, ଯେଉଁଥିରେ ୧୩୫ଟି ପ୍ରସ୍ଥାନ ଏବଂ ୯୦ଟି ଆଗମନ ଅନ୍ତର୍ଭୁକ୍ତ।

ଦିଲ୍ଲୀ ବିମାନବନ୍ଦରରେ ଯାତ୍ରୀମାନେ ବିମାନ କମ୍ପାନୀ ଉପରେ ସେମାନଙ୍କର କ୍ରୋଧ ପ୍ରକାଶ କରିଥିଲେ। ଜଣେ ଯାତ୍ରୀ କହିଥିଲେ, ଆମେ ଏକ ବିବାହ ଉତ୍ସବକୁ ଯାଉଥିଲୁ। କିନ୍ତୁ ଆମର ଲଗେଜ୍ ହଜିଯାଇଛି। ୧୨ ଘଣ୍ଟା ପରେ ମଧ୍ୟ ଇଣ୍ଡିଗୋ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଉନାହିଁ। ଏହା ମାନସିକ ନିର୍ଯାତନା। ଅନ୍ୟ ଜଣେ ମହିଳା ଯାତ୍ରୀ କହିଥିଲେ, ୧୪ ଘଣ୍ଟା ହୋଇଗଲା ଏବଂ ଆମକୁ କୌଣସି ଖାଦ୍ୟ କିମ୍ବା ପାଣି ମିଳିନାହିଁ। ଯେତେବେଳେ ମୁଁ କର୍ମଚାରୀଙ୍କ ସହ କଥା ହୁଏ, ସେମାନେ କୌଣସି ପ୍ରତିକ୍ରିୟା ମଧ୍ୟ ପାଉନାହାଁନ୍ତି। ହାଇଦ୍ରାବାଦରେ ଯାତ୍ରୀମାନେ ଏତେ ରାଗି ଯାଇଥିଲେ ଯେ ଅନେକ ଲୋକ ଏୟାର ଇଣ୍ଡିଆର ଏକ ବିମାନ ସମ୍ମୁଖରେ ବସି ଏହାକୁ ଅବରୋଧ କରିଥିଲେ। ଜଣେ ବ୍ୟକ୍ତି କହିଥିଲେ ଯେ ଗତକାଲି ସନ୍ଧ୍ୟା ୭ଟା ୩୦ରେ ଉଡ଼ାଣ ସ୍ଥିର ହୋଇଥିଲା। କିନ୍ତୁ ଏବେ ଏହା ୧୨ ଘଣ୍ଟା ବିଳମ୍ବ ହୋଇଛି। ଇଣ୍ଡିଗୋ କହୁଛି ଯେ ଅନିର୍ଦ୍ଦିଷ୍ଟ ବିଳମ୍ବ ହୋଇପାରେ। ଏହା ଏକ ମଜା। ଭିଡିଓଗୁଡ଼ିକରେ ଲୋକମାନେ ଇଣ୍ଡିଗୋ କର୍ମଚାରୀଙ୍କ ଉପରେ ଚିତ୍କାର କରୁଥିବା ଦେଖାଯାଉଛି, ଏବଂ ପୋଲିସକୁ ହସ୍ତକ୍ଷେପ କରିବାକୁ ପଡିଛି। ଦେଶର ବିଭିନ୍ନ ସହରରେ ଅନେକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି, ଯେପରିକି: ମୁମ୍ବାଇରେ ୧୧୮, ବେଙ୍ଗାଲୁରୁରେ ୧୦୦, ହାଇଦ୍ରାବାଦରେ ୯୦, କୋଲକାତାରେ ୩୫, ଚେନ୍ନାଇରେ ୨୬, ଗୋଆରେ ୧୧, ଭୋପାଳରେ ୫, ଦିଲ୍ଲୀରେ ୨୨୫, ଆଜି ୪୦୦ ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି। ଗତକାଲି ଏହି ସଂଖ୍ୟା ୫୦୦ ଥିଲା। ଏହିପରି ଦୁଇ ଦିନରେ ସଂଖ୍ୟା ୯୦୦ ଅତିକ୍ରମ କରିଛି।



ଇଣ୍ଡିଗୋ ସ୍ୱୀକାର କରିଛି ଯେ ନୂତନ ନିୟମ ଯୋଗୁଁ କ୍ରୁ ଆବଶ୍ୟକତାର ଭୁଲ ହିସାବ ହୋଇଛି। ଏହା ସହିତ, ଶୀତ, ଯାନ୍ତ୍ରିକ ସମସ୍ୟା ଏବଂ କର୍ମଚାରୀ ଅଭାବ ଉଡ଼ାଣକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଦେଇଥିବା ଏକ ରିପୋର୍ଟରେ, ଇଣ୍ଡିଗୋ କହିଛି ଯେ ଏହା ଅସ୍ଥାୟୀ ଭାବରେ ନୂତନ ପାଇଲଟ୍-କ୍ରୁ ଡ୍ୟୁଟି ନିୟମକୁ ପ୍ରତ୍ୟାହାର କରୁଛି।

### ଖୁବଶୀଘ୍ର ସମାଧାନ : ମନ୍ତ୍ରୀ

ନୂଆଦିଲ୍ଲୀ,୫।୧୨(ପିଆଇବି): ଦେଶର ବିଭିନ୍ନ ସ୍ଥାନରେ ଇଣ୍ଡିଗୋର ବିମାନସେବା ବାଧାପ୍ରାପ୍ତ ହେବା ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ବିବୃତି ରଖିଛନ୍ତି । ସେ କହିଛନ୍ତି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିଭିନ୍ନ ବିମାନ କାର୍ଯ୍ୟସୂଚୀ, ବିଶେଷକରି ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବାରେ ଦେଖା ଦେଇଥିବା ବ୍ୟାଘାତକୁ ସମାଧାନ କରିବା ପାଇଁ ଜରୁରୀ ଏବଂ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଫ୍ଲାଇଟ୍ ଡ୍ୟୁଟି ସମୟ ସୀମା (ଏଫଡିଟିଏଲ) ନିର୍ଦ୍ଦେଶକୁ ତୁରନ୍ତ ସ୍ଥଗିତ ରଖାଯାଇଛି। ବିମାନ ସୁରକ୍ଷା ସହିତ କୌଣସି ସାଲିସ ନକରି, ଏହି ନିଷ୍ପତ୍ତି କେବଳ ଯାତ୍ରୀ, ବିଶେଷକରି ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ରୋଗୀ ଏବଂ ଜରୁରୀ ଆବଶ୍ୟକତା ପାଇଁ ସମୟୋଚିତ ବିମାନ ଯାତ୍ରା ଉପରେ ନିର୍ଭର କରୁଥିବା ଅନ୍ୟମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଆଯାଇଛି। ଏହାବ୍ୟତୀତ, ସାଧାରଣ ବିମାନ ସେବା ଯଥାଶୀଘ୍ର ସ୍ୱାଭାବିକ କରିବା ଏବଂ ଯାତ୍ରୀମାନଙ୍କ ଅସୁବିଧାକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଅନେକ କାର୍ଯ୍ୟକାରିତାଯୋଗ୍ୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶାବଳୀର ତୁରନ୍ତ କାର୍ଯ୍ୟକାରିତାକୁ ଆଧାର କରି, ଆସନ୍ତାକାଲି ସୁଦ୍ଧା ବିମାନ ସମୟସୂଚୀ ସ୍ଥିର ହେବା ଆରମ୍ଭ ହେବ ଏବଂ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ୍, ଲେମ୍ବୁ ରସ, କାଜୁ ପେଷ୍ଟ୍, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା’ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା’ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା’ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା’ ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଡାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



**..... ଖବର .....**

# କ୍ରିଷ ପାଠକଙ୍କ ସହ ସାରା ଖାନଙ୍କ ହଳଦୀ ଉତ୍ସବ



’ରାମାୟଣରେ ଲକ୍ଷ୍ମଣ ଭୂମିକା ନିଭାଇଥିବା ସୁନୀଲ ଲାହିରୀଙ୍କ ପୁଅ କୃଷ ପାଠକ, ଅଭିନେତ୍ରୀ ସାରା ଖାନଙ୍କୁ ବିବାହ କରିବାକୁ ଯାଉଛନ୍ତି। ସେମାନଙ୍କର ହଳଦୀ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଏବଂ ଏହି ଦମ୍ପତି ପରସ୍ପରରେ ମଗ୍ନ ଥିବା ଦେଖାଯାଇଥିଲା। ବିଦାଇ ଅଭିନେତ୍ରୀ ସାରା ଖାନ ପୁଣି ଥରେ ବିବାହ କରିବାକୁ ଯାଉଛନ୍ତି। ସେ ହିନ୍ଦୁ ରୀତିନୀତି ଅନୁସାରେ କ୍ରିଷ ପାଠକଙ୍କୁ ବିବାହ କରିବେୟ କିଛି ଦିନ ପୂର୍ବରୁ ଏହି ଦମ୍ପତି ସେମାନଙ୍କ ବିବାହ ଘୋଷଣା କରିଥିଲେ। ଏବେ ସାରା ଏବଂ କ୍ରିଷଙ୍କ ହଳଦୀ ଉତ୍ସବ ସମାପ୍ତ ହୋଇଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଉପଲବ୍ଧ।କ୍ରିଶ୍ ପାଠକ୍ ଅଭିନେତା ସୁନୀଲ ଲାହିରୀଙ୍କ ପୁଅ , ଯିଏ ରାମାୟଣ ରେ ଲକ୍ଷ୍ମଣ ଭୂମିକାରେ ଅଭିନୟ କରିଥିଲେ। କ୍ରିଶ୍ ଏବଂ ସାରା ଗତ ବର୍ଷ ଧରି ପରସ୍ପରକୁ ଡେଟ୍ କରୁଛନ୍ତି। ରେ, ସେମାନେ କୋର୍ଟ ମ୍ୟାରେଜ୍ ସହିତ ସେମାନଙ୍କର ସମ୍ପର୍କକୁ ଆନୁଷ୍ଠାନିକ କରିଥିଲେ। ଏହି ଦମ୍ପତି ଏହା ମଧ୍ୟ ଘୋଷଣା କରିଥିଲେ ଯେ ସେମାନେ ଖୁବ୍ ଶୀଘ୍ର ଏକ ଆନୁଷ୍ଠାନିକ ବିବାହ ଉତ୍ସବ କରିବେ। ଏବେ, ସାରା ଖାନ ଏବଂ କ୍ରିଶ୍ ପାଠକ୍ ଡିସେମ୍ବର ୫ ତାରିଖରେ ବିବାହ କରିବାକୁ ଯାଉଛନ୍ତି, ଏବଂ ବିବାହ ରୀତିନୀତି ବହୁତ ଧୁମ୍ ଧାମ୍ ରେ ଚାଲିଛି।ନିକଟରେ ସାରା ଏବଂ କ୍ରିଶଙ୍କ ହଳଦୀ ସମାରୋହ ହୋଇଥିଲା, ଯେଉଁଠାରେ ଦମ୍ପତି ପରସ୍ପରକୁ ପ୍ରେମର ବର୍ଷା କରିଥିଲେ। ସେମାନେ ମେଳ ଖାଉଥିବା ପୋଷାକ ମଧ୍ୟ ପିନ୍ଧିଥିଲେ। ହଳଦୀ ସମାରୋହରେ କନ୍ୟା ସାରା ଖାନଙ୍କ ଲୁକ୍ ସମ୍ପୂର୍ଣ୍ଣ ଚମତ୍କାର ଥିଲା। ଭିଡିଓରେ, କ୍ରିଶ ଏବଂ ସାରା ପରସ୍ପର ସହିତ ଖେଳୁଥିବା ଏବଂ ମଜା କରୁଥିବାର ଦେଖାଯାଇଥିଲା। ସେମାନେ ଏକାଠି ନାଚିଥିଲେ। ପ୍ରଶଂସକମାନେ ସେମାନଙ୍କ କେମେଷ୍ଟ୍ରିକୁ ପସନ୍ଦ କରୁଛନ୍ତି। ଅଭିନେତ୍ରୀ ଗୌହର ଖାନ ମଧ୍ୟ ତାଙ୍କ ନବଜାତ ଶିଶୁ ଏବଂ ସ୍ୱାମୀ ଜାଇଦ ଦରବାର ସହିତ କ୍ରିଶ ଏବଂ ସାରାଙ୍କ ହଳଦୀ ସମାରୋହରେ ଦେଖାଯାଇଥିଲେ। ସେ ନୂତନ ଦମ୍ପତିଙ୍କୁ ଆଶୀର୍ବାଦ ଦେବାକୁ ଆସିଥିଲେ।କ୍ରିଷ ପାଠକଙ୍କ ପିତା, ଅଭିନେତା ସୁନୀଲ ଲାହରୀ, ସମାରୋହରେ ଅନୁପସ୍ଥିତ ଥିଲେ। ପ୍ରଶଂସକମାନେ ଭାବୁଛନ୍ତି ଯେ ସେ ତାଙ୍କ ପୁଅର ବିବାହରେ ଉପସ୍ଥିତ ରହିବେ କି ନାହିଁ। କ୍ରିଷଙ୍କ ଜନ୍ମର ନଅ ମାସ ପରେ ତାଙ୍କ ପିତାମାତାଙ୍କ ଛାଡପତ୍ର ହୋଇଥିଲା। ସେବେଠାରୁ, ତାଙ୍କ ମାଆ ଏକାକୀ ତାଙ୍କୁ ପାଳନ-ପୋଷଣ କରିଛନ୍ତି। କ୍ରିଷ ତାଙ୍କ ମାଆଙ୍କ ଉପନାମ ବ୍ୟବହାର କରନ୍ତି କାରଣ ସେ ତାଙ୍କ ମାଆଙ୍କ ସହିତ ବହୁତ ନିକଟତର। କ୍ରିଷ ଏବଂ ସାରାଙ୍କ କୋର୍ଟ ମ୍ୟାରେଜ୍ ସମୟରେ ତାଙ୍କ ମାଆ ମଧ୍ୟ ଉପସ୍ଥିତ ଥିଲେ।ଏହା ସାରା ଖାନଙ୍କର ଦ୍ୱିତୀୟ ବିବାହୟ ତାଙ୍କର ପ୍ରଥମ ବିବାହ ୨୦୧୦ ମସିହାରେ ବିଗ୍ ବସ୍ ପ୍ରତିଯୋଗୀ ଅଲି ମର୍ଚ୍ଚ□ଙ୍କ ସହ ହୋଇଥିଲା।କିନ୍ତୁ, ବିବାହର ମାତ୍ର ଦୁଇ ମାସ ପରେ ସେମାନଙ୍କର ଛାଡପତ୍ର ହୋଇ ଗଲା।ଏବେ, ସାରା କ୍ରିଷ ପାଠକଙ୍କ ସହିତ ଏକ ନୂତନ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି।

## ଅଦା ପାଣି କମାଏ କୋଲେଷ୍ଟ୍ରଲ



ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ଅଦା ପାଣି ପିଇବା ଆରମ୍ଭ କରନ୍ତୁ । ସକାଳେ ଖାଲି ପେଟରେ ଅଦା ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ।

ଅଦା ପାଣିରୁ ମିଳୁଥିବା ଫାଇଦା :

■ ଅନେକ ଲୋକଙ୍କର ହଜମ ପ୍ରକ୍ରିୟାରେ ଗଡବଡ ହୋଇଥାଏ। ସେ କିଛି ବି ଖାଇଲେ ତାଙ୍କର ପେଟ ଜନିତ ସମସ୍ୟା ଦେଖାଯାଇଥାଏ। ଏହି ଲୋକମାନଙ୍କ ପାଇଁ ଅଦା ପାଣି ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

■ ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ।

■ ଅଦା ପାଣିରେ ଜିଙ୍କର ଏକ ଉତ୍ତମ ଭାଗ ରହିଥାଏ ଯାହା ଶରୀରରେ ଇନସୁଲିନ୍ କ୍ଷରଣ ବଢାଇଥାଏ ଏବଂ ରକ୍ତରେ ସୁଗାର ଲେବଲକୁ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ଅଦା ପାଣି ମଧ୍ୟ ଲାଭଦାୟକ ହୋଇଥାଏ।

■ଏହା ହୃଦରୋଗର ଚିକିତ୍ସାରେ ମଧ୍ୟ ବ୍ୟବହୃତ ହୁଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦା ପାଣି ସହାୟକ ହୋଇଥାଏ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ।

## ସୋରିଷ ତେଲ ମାଲିସର ପ୍ରଭାବ



ସୋରିଷ ତେଲ ନିୟମିତ ମାଲିସ୍ କଲେ ରକ୍ତ ସଞ୍ଚାଳନ ଶରୀରରେ ଭଲଭାବେ ହେବା ସହ ଉଷ୍ମତା ଭିତରୁ ମିଳେ। ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲକା ଉଷୁମ କରି ପାଦତଳେ ମାଲିସ୍ କଲେ ଭଲ ନିଦ ହେବ। ଦୃଷ୍ଟି ଶକ୍ତି ବଢ଼ିଥାଏ। ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ। ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ୍ ମହୌଷଧି।

♦ ପରୀକ୍ଷାରୁ ଜଣାପଡ଼ିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ୍ କରିବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ଓଜନକୁ ମଧ୍ୟ ନିୟନ୍ତ୍ରଣ କରେ।

♦ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ, ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ।

♦ ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ, ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ। ବଡ଼ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ। ସେହି ପାଣିରେ ପାଦ ୨୦ ମିନିଟ୍ ବୁଡ଼ାଇ ପରେ ଭଲଭାବେ ପୋଛିନେବେ। ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ।

# ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍ଙ୍କ ଐତିହାସିକ ବିବରଣୀରେ ମଧ୍ୟ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ୍ୟ ଏକ ପାର୍ଶ୍ୱରେ ଶିବ ତ୍ରିଶୂଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଇଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତ୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



“ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍”।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି:

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଉଦଯାପିତ

**କୋଣାର୍କ/ଭୁବନେଶ୍ୱର, ୫।୧୨( ମହାଭାରତ):** ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଆୟୋଜିତ ପାଞ୍ଚ ଦିନିଆ ୩୬ ତମ କୋଣାର୍କ ଉତ୍ସବ ୨୦୨୫ ଏବଂ ୧୫ ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫ ଓଡିଶାର ରାଜ୍ୟପାଳଙ୍କ କରକମଳରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ.ଜୟଶ୍ରୀ କମ୍ଭମପାଟି, ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜସ୍ଥାନର ମାନ୍ୟବର ଶକ୍ତି ମନ୍ତ୍ରୀ ହୀରାଲାଲ ନାଗର ମଧ୍ୟ ଉପସ୍ଥିତ ଥିଲେ । ଏହା ପୂର୍ବରୁ ରାଜ୍ୟପାଳ ୧୫ତମ ଆ ।ନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫ ମଧ୍ୟ ପରିଦର୍ଶନ କରିଥିଲେ ଏବଂ ସେଠାରେ ଦେଶ ବିଦେଶରୁ ଆ ।ସିଥିବା ଅଂଶଗ୍ରହଣକାରୀଙ୍କ ସହ ରାଜ୍ୟପାଳ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କ କଳା ନୈପୁଣ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଖ୍ୟାତ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ ।

ଆଜି ଅନ୍ତିମ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଆରତୀ କର ଓ ତାଙ୍କ ଉତ୍କଳ ଡାନ୍ସ ଓ ରିସର୍ଚ୍ଚ ଏକାଡେମିର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡିଶୀ ନୃତ୍ୟ ।ସେମାନଙ୍କର ପ୍ରଥମ ଉପସ୍ଥାପନଟି ଥିଲା ତ୍ରିପଥଗା, ତ୍ରିପଥଗାପବିତ୍ର ଗଙ୍ଗା ନଦୀକୁ ବୁଝାଏ ଯାହା ତିନୋଟି ଲୋକରେ ପ୍ରବାହିତ ହୁଏ। ପବିତ୍ର ସ୍ନାନ ଜୀବନ ଏବଂ ମୃତ୍ୟୁ ଚକ୍ରରୁ ମୁକ୍ତି ମଧ୍ୟ ପ୍ରଦାନ କରେ ଏବଂ



ଏହାର ଅନେକ ନାମ ଅଛି। ଗଙ୍ଗା ନଦୀ ସମସ୍ତ ଭାରତୀୟଙ୍କ ପାଇଁ ଧାର୍ମିକ ଜୀବନରେଖା ସଦୃଶ୍ୟ ।ଏହି ନୃତ୍ୟାଭିନୟଟିର ନୃତ୍ୟ: ସଂରଚନା କରିଥିଲେ ଗୁରୁ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଶ୍ରୀମତୀ ଆରତୀ କର। ସଂଗୀତ ସଂଯୋଜନା କରିଥିଲେ ଗୁରୁ ଉମେଶ ଚନ୍ଦ୍ରଦାସ, ତାଳସଂଯୋଜନା କରିଥିଲେ ଗୁରୁ ଶ୍ରୀ ଧନେଶ୍ୱରସ୍ୱାଇଁ। ବିଭିନ୍ନ ଯୁଗରେ ପବିତ୍ର ଅବତାର ମଧ୍ୟ ନିୟତି ଅନୁସାରେ ପରୀକ୍ଷା ଏବଂ କ୍ଲେଶ ଦେଇ ଗତି କରିଛନ୍ତି ଯାହାର ନୃତ୍ୟ ନିର୍ଦ୍ଦେଶନା ଗୁର ୁଶ୍ରୀମତୀ ଆରତୀ କରଏବଂ ଗୁରୁ ଯୁଧିଷ୍ଠିର ନାୟକ,ସଂଗୀତ ସଂଯୋଜନା ଗୁରୁ ଶ୍ରୀ ଉମେଶ ଚନ୍ଦ୍ର ଦାସ ଓ ତାଳସଂଯୋଜନା ଗୁରୁ ଶ୍ରୀ ଧନେଶ୍ୱର ସ୍ୱାଇଁ କରିଥିଲେ ।

ଦ୍ୱିତୀୟରେ ତଥା କୋଣାର୍କ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ସଞ୍ଜୁକ୍ତା ସିହ୍ନା ଓ ତାଙ୍କ ସଞ୍ଜୁକ୍ତା ସିହ୍ନା ଡାନ୍ସ କମ୍ପାନିର ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା ଆଦି ଅନନ୍ତ। ଏହି ପ୍ରଯୋଜନାଟି ଶିବ ଏବଂ କୃଷ୍ଣଙ୍କ ଦିବ୍ୟ ଶକ୍ତିକୁ ଅନୁସନ୍ଧାନ ଏବଂ ମୂର୍ତ୍ତିମନ୍ତ କରିଥିଲା ।ଅନ୍ତିମ ଦିନରେ ଆନ୍ତର୍ଜାତୀୟ ବାଲୁକା କଳାର ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ବିଷୟ ବସ୍ତୁ ଥିଲା ଆତ୍ମନିର୍ଭର ଭାରତ ଏବଂ ମହିଳାମାନଙ୍କ ପାଇଁ ଥିଲା ବିକଶିତ ଭାରତ ।ଦେଶ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀ କୁଳଙ୍କର କଳା ନୈପୁଣ୍ୟତା, ପ୍ରକୃତି କୋଳରେ ତଲ୍ଲିନ ହେବା ପ୍ରକ୍ରିୟା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲା। ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ,ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର କର୍ମକର୍ତ୍ତା ବୃନ୍ଦ ସୁନ୍ଦର ଭାବରେ ପରିଚାଳନା କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ ଏବଂ ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।

## ଲୋଏର୍ ପିଏମଜିରେ ହଜାର ହଜାର ଶିକ୍ଷକଙ୍କ ବିକ୍ଷୋଭ

ଭୁବନେଶ୍ୱର: ଗୋଟିଏ ପଟେ ବିଧାନସଭା ଶୀତ ଅଧିବେଶନ ଚାଲୁଥିବାବେଳେ ଏପଟେ ରାଜଧାନୀ ରାଜରାସ୍ତାରେ ଧାରଣାରେ ବସିଛନ୍ତି ହଜାର ହଜାର ସଂଖ୍ୟାରେ ଶିକ୍ଷକ । ୮ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ମହାସମାବେଶ ଡାକରା ଦିଆଯାଇଛି । ଭୁବନେଶ୍ୱର ଲୋଏର୍ ପିଏମଜିରେ ହଜାର ହଜାର ସଂଖ୍ୟାରେ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଏକାଠି ହୋଇଛନ୍ତି । ଗ୍ରେଡ୍ ପେ ୪୨୦୦ କରିବାକୁ ସେମାନଙ୍କର ମୁଖ୍ୟ ଦାବି ରହିଛି । ସେହିପରି କଣ୍ଟ୍ରାକଚ୍ୟୁଆଲ୍ ଉଚ୍ଛେଦ ମଧ୍ୟ ଦାବି ରହିଛି । ସମସ୍ତ ରାଜ୍ୟରେ ୪୨୦୦ ଗ୍ରେଡ୍ ପେ ଲାଗୁ ହୋଇଥିବାବେଳେ କେବଳ ଓଡ଼ିଶାରେ ୨୨୦୦ ଟଙ୍କା ମିଳୁଛି ବୋଲି ଅଭିଯୋଗ କରିଛନ୍ତି । ଯେପର୍ଯ୍ୟନ୍ତ ସରକାର ଦାବି ମାନି ନେଇ ନାହାଁନ୍ତି ସେପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଧମକ ଦେଇଛନ୍ତି ।

# ଓଡ଼ିଶା ସରକାର-ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୫।୧୨(ମହାଭାରତ): ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା ପହଞ୍ଚକୁ ସୁଦୃଢ କରିବା ନିମନ୍ତେ ଓଡ଼ିଶା ସରକାର ଏବଂ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ( ୱାର୍ଲଡ୍ ଫୁଡ୍ ପ୍ରୋଗ୍ରାମ୍) ମଧ୍ୟରେ ଏକ ବୈଷୟିକ ସହାୟତା ଚୁକ୍ତି ଗତକାଲି ଗୁରୁବାର ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଯାଇଛି । ଏହି ଭାଗୀଦାରିର ଉଦ୍ଦେଶ୍ୟ ହେଉଛି-ଶ୍ରମିକ ପରିବାରମାନେ।

ରାଜ୍ୟ ଭିତରେ ଯେଉଁ ସ୍ଥାନକୁ ଶ୍ରମ ବା କାର୍ଯ୍ୟ ଉଦ୍ଦେଶ୍ୟରେ ଯାଉଛନ୍ତି, ସେଠାରେ ସେମାନଙ୍କରଖାଦ୍ୟ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ଶ୍ରମଭିତ୍ତିକ ଯୋଜନାରେ ଥିବା ସୁବିଧା ଭଳି ଆ ।ବଶ୍ୟକୀୟ ସେବାନିରନ୍ତରତାକୁ ସୁନିଶ୍ଚିତ କରିବା ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ପକ୍ଷରୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆ ।ରୁମୁଗମ ଏବଂ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ପ୍ରତିନିଧି ତଥା ଦେଶ ପ୍ରତିନିଧି (କଣ୍ଟ୍ରି ଡିରେକ୍ଟର),ଭାରତ



ଏଲିଜାବେଥ ଫୋର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଯୋଜନା ଓ ସଂଯୋଜନ ବିଭାଗରବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରମ ବିଭାଗ ସଚିବ ଶ୍ରୀମତୀ ଆ ।ରୁମୁଗମ କହିଥିଲେ ଯେ, ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କିପରି ସୁବିଧାରେ ଜନସାଧାରଣଙ୍କୁ ସେବା ପ୍ରଦାନ ସୁନିଶ୍ଚିତ କରାଯାଇପାରିବ, ସେଥିପାଇଁ ଡିଜିଟାଲ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ସୀମା ବଦଳିଲେ ମଧ୍ୟ ଜଣେ ଶିଶୁର ପୋଷଣ ଓ ସେମାନଙ୍କ ପାଇଁ ଅତ୍ୟାବଶ୍ୟକ ସେବା ଯେପରି ବାଧାପ୍ରାପ୍ତ ନହେଉ, ପ୍ରତ୍ୟେକ ପ୍ରବାସୀ ପରିବାର ଯେଉଁଠି ଥିଲେ ବି, ସେଠାରେ ଯେପରି ଏକ ଭରସାଯୋଗ୍ୟ ସାମାଜିକ ସୁରକ୍ଷା ବଳୟ ଭିତରେ ରହି ସୁବିଧା ପାଇପାରିବେ ସେଥିପାଇଁ ଏହି ବୈଷୟିକ ବୁଝାମଣା ସହାୟତା ଦେବ ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର କଣ୍ଟ୍ରି ଡିରେକ୍ଟର କହିଥିଲେ ଯେ ଓଡ଼ିଶାର ଦୃଢ ସରକାରୀ ନେତୃ ଓ ଡବ୍ଲୁଏଫପି ର ପ୍ରଯୌକ୍ତିକ ଦକ୍ଷତାକୌଶଳ ଏବଂ ସୃଜନଶୀଳତା ଦ୍ୱାରା ଆ ।ମେ ବିଶେଷକରି ପୋଷଣଭିତ୍ତିକ ସାମାଜିକ ସୁରକ୍ଷା ବଳୟକୁ ସୁଦୃଢ କରିପାରିବୁ, ଯାହା ଫଳରେ ପ୍ରବାସୀ ମହିଳା, ପୁରୁଷ ଓ ଶିଶୁମାନେ ଯେଉଁଠି ଥିଲେ ବି, ସେଠାରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସେବା ପାଇପାରିବେ। ଏହି ସହଯୋଗର କେନ୍ଦ୍ରବିନ୍ଦୁ ହେଉଛି, ପ୍ରବାସୀ ପରିବାରଙ୍କୁ ଚିହ୍ନଟ କରି ସରକାରୀ ବ୍ୟବସ୍ଥାରେ ସେମାନଙ୍କୁ ସୁଲଭ ଖାଉଟି ସାମଗ୍ରୀ ଯୋଗାଣ, ପିଏମ୍ ପୋଷଣ, ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟରେ ଶିଶୁମାନଙ୍କୁ ପଞ୍ଜୀକରଣ, ଟିକାକରଣ, ସ୍ୱାସ୍ଥ୍ୟ ସେବା ଏବଂ ଶ୍ରମ ସୁବିଧା ଭଳି ବିଭିନ୍ନ ଯୋଜନାର ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ସମନ୍ୱିତ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରିବା। ଏହା ଫଳରେ ମଲ୍ଟି-ମୋଡାଲ୍ ଆ ।ଲର୍ଟ, ଡ୍ୟାଶବୋର୍ଡ ଏବଂ ଡାଟା ବିଶ୍ଲେଷଣ ମାଧ୍ୟମରେ ଯଥା ସମୟରେ ସେବା ପ୍ରଦାନ ନିଶ୍ଚିତ କରିବାରେ ଅଧିକାରୀମାନଙ୍କୁ ସହାୟତା ମିଳିବ। ଏଥି ସହିତ ଜନ ସଚେତନତା ଅଭିଯାନ ସହ ଏକ ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମର ବ୍ୟବସ୍ଥା କରାଯିବ,ଯଦ୍ୱାରା ଏ କ୍ଷେତ୍ରରେ କାର୍ଯ୍ୟକରୁଥିବା ଆଗଧାଡ଼ିର କର୍ମୀମାନଙ୍କ କ୍ଷମତା ବୃଦ୍ଧି ଘଟିବ। ଭାରତରେ ପ୍ରାୟ ୧୦ କୋଟି ପ୍ରବାସୀମାନେ ଜାତୀୟ ମୋଟ ଘରୋଇ ଉତ୍ପାଦର ପ୍ରାୟ ୧୦% ଅବଦାନ ରଖୁଥିବା ବେଳେ, ଏହି ପ୍ରୟାସ ଓଡ଼ିଶାରେ ସମାଜିକ ସୁରକ୍ଷା ସୁନିଶ୍ଚିତ କରିବାରେ ଆ ।ବଶ୍ୟକତାକୁ ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି।

# ଭବିଷ୍ୟତ ପିଢି ପାଇଁ ମୃତ୍ତିକାର ଉର୍ବରତା ରକ୍ଷା ଆବଶ୍ୟକତା : କୃଷି ମନ୍ତ୍ରୀ

ଭୁବନେଶ୍ୱର,୫।୧୨(ମହାଭାରତ): ରାଜ୍ୟସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳନ ୨୦୨୫ କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ମୃତିକା ଦିବସର ବିଶ୍ୱସ୍ତରୀୟ ପାଳନକୁ ଚିହ୍ନିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏ ବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ସହର ପାଇଁ ସୁସ୍ଥ ମୃତିକା'। ମୃତିକା ସ୍ୱାସ୍ଥ୍ୟ କିପରି ସହରାଂଚଳରେ ଖାଦ୍ୟ ନିରାପତା, ପରିବେଶ ସନ୍ତୁଳନ, ପରିଷ୍କାର ବାୟୁ, ବିଶୁଦ୍ଧ ଜଳ ଏବଂ ଉନ୍ନତ ଜୀବନଶୈଳୀ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଭିଭାଷଣରେ ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକାର



ଉର୍ବରତାକୁ ରକ୍ଷା କରିବା ନିମନ୍ତେ ରାସାୟନିକ ସାମଗ୍ରୀର ହ୍ରାସ, ଜୈବିକ ପଦାର୍ଥର ପ୍ରୋତ୍ସାହନ ଏବଂ ପ୍ରାକୃତିକ ତଥା ଜଳବାୟୁ-ସହନଶୀଳ କୃଷି କୌଶଳର ବ୍ୟାପକ ପ୍ରଚଳନ ଭଳି ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ କୃଷକ, ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆହ୍ୱାନ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ରାଜ୍ୟରେ ମୃତିକା ପରୀକ୍ଷଣ ସୁବିଧାକୁ ଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଶୁଭମ ସକ୍ସେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଷୟବସ୍ତୁର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

ବିଶ୍ୱ ମୃତିକା ଦିବସ ୨୦୨୫ ଉପରେ ଏକ ବୃତଚିତ୍ର ପ୍ରଦର୍ଶିତ ହେବା ସହିତ 'ମାନୁଆଲ୍ ଅନ୍ ଆଗ୍ରିକଲଚରାଲ୍ ପ୍ରଡକ୍ସନ୍ ଟେକ୍ନୋଲୋଜି – ରବି ୨୦୨୫-୨୬' ପୁସ୍ତିକାର ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା ।

ବୈଜ୍ଞାନିକ ଉପାୟରେ ମୃତିକାରେ ଉପଲବ୍ଧ ପୋଷକ ତତ୍ୱ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ କୃଷକମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା ଏବଂ କୃଷି ସମ୍ପର୍କିତ ପ୍ରଦର୍ଶନୀକୁ ଉଦଘାଟନ କରାଯାଇଛି। ସମସ୍ତ ଅଂଶଗ୍ରହଣକାରୀଙ୍କ ପ୍ରୟାସକୁ ସ୍ୱୀକୃତି ଦେଇ ସମାପନ ମନ୍ତବ୍ୟ ଏବଂ ଧନ୍ୟବାଦ ଅର୍ପଣ ନିର୍ଦ୍ଦେଶକ, ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା, ସୁବ୍ରତ କୁମାର ପଣ୍ଡା କରିଥିଲେ ।

## 'ବିଶ୍ୱ ମୃତ୍ତିକା ଦିବସ'ରେ ମାଟିର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୫।୧୨(ମହାଭାରତ) 'ବିଶ୍ୱ ମୃତ୍ତିକା ଦିବସ'ରେ ମାଟିର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମାଟି ହେଉଛି ଆମ ଜୀବନର ମୂଳଦୁଆ ଏବଂ ପୃଥିବୀରେ ଜୀବନ ସଞ୍ଚାର ଓ ପ୍ରବାହକୁ ବଜାୟ ରଖିବାର ଅକ୍ଷୟ ଶକ୍ତି। ଏହି ଅମୂଲ୍ୟ ପ୍ରାକୃତିକ ସମ୍ପଦ ଉପରେ ହିଁ ଆମର ଖାଦ୍ୟ, ଜଳ ଓ ପରିବେଶର ସନ୍ତୁଳନ ନିର୍ଭର କରେ। ତେଣୁ, ଆଜି 'ବିଶ୍ୱ ମୃତ୍ତିକା ଦିବସ' ଅବସରରେ ଆସନ୍ତୁ ସମସ୍ତେ ମିଳିମିଶି ଏହି ମାଟିର ଗୁଣବତ୍ତା ଓ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ନିମନ୍ତେ ସଙ୍କଳ୍ପ ନେବା।

# ଡାଟାର ଗୁଣାତ୍ମକତା ବୃଦ୍ଧି ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ



ଭୁବନେଶ୍ୱର,୫।୧୨(ମହାଭାରତ): ଓଡ଼ିଶା ସରକାରଙ୍କ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ତଥ୍ୟ (ଡାଟା)ର ଗୁଣାତ୍ମକତା ବୃଦ୍ଧି ଓ ବ୍ୟାପକତା(କଭରେଜ)ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କ ପାଇଁ ଡିସେମ୍ବର ୪ ତାରିଖରେ ମୂଲ୍ୟ ପରିସଂଖ୍ୟାନ ସଂପର୍କିତ ପ୍ରଶିକ୍ଷଣ ଏବଂ ଡିସେମ୍ବର ୫ ତାରିଖରେ ଜଳସେଚନ ଏବଂ ଝରଣା ଗଣନା ଉପରେ ଦୁଇ ଦିନିଆ ପ୍ରଶିକ୍ଷଣ-ସହ-ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରାଜ୍ୟବ୍ୟାପୀ ଚାଲୁଥିବା ପରିସଂଖ୍ୟାନ କାର୍ଯ୍ୟକଳାପର ଗୁଣାତ୍ମକତା, ନିରନ୍ତରତା ଏବଂ କ୍ଷେତ୍ରସ୍ତରର କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା।

କାର୍ଯ୍ୟକ୍ରମକୁ ଉଦଘାଟନ କରି ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ଉଭୟ ଗଣନା କାର୍ଯ୍ୟକ୍ରମର ସମସ୍ତ ସଂଜ୍ଞା ଓ ବିଷୟକୁ ଭଲଭାବେ ବୁଝାଯିବାର ଆ ।ବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, କ୍ଷେତ୍ରସ୍ତରରେ ବ୍ୟାଖ୍ୟାର ଭିନ୍ନତା ହେଲେ ତଥ୍ୟର ଗୁଣାତ୍ମକତା ଏବଂ ତୁଳନା ସମ୍ଭାବନାକୁ ପ୍ରଭାବିତ କରିଥାଏ। ଗୁଣାତ୍ମକ ତଥ୍ୟ ବା ଡାଟା ପ୍ରମାଣଭିତ୍ତିକ ନୀତିନିର୍ଦ୍ଧାରଣ ଏବଂ ଜାତି ନିର୍ମାଣରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଏ ଦିଗରେ ରାଜ୍ୟର ଆ ।ଭିମୁଖ୍ୟକୁ ଦୋହରାଇବା ସହିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିଜ-ନିଜ ଜିଲ୍ଲାରେ ପ୍ରଶିକ୍ଷଣକୁ ସଠିକ୍ ଓ ଦୃଢ଼ତାର ସହ କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ, ଯାହା ସଂଗୃହିତ ତଥ୍ୟର ସଠିକତା, ନିର୍ଭରଯୋଗ୍ୟତା ଏବଂ ସମୟାନୁସାରେ ତଥ୍ୟ ସଂଗ୍ରହକୁ ସୁନିଶ୍ଚିତ କରିବ। ଏହି ପ୍ରୟାସର ଏକ ଅଂଶ ଭାବରେ, ରାଜ୍ୟ ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ମୁଖ୍ୟାଳୟ ଏବଂ ତିନିଟି ରେଞ୍ଜର ଅଧିକାରୀମାନଙ୍କୁ ନେଇ ୯ ଟି ଦଳ ଗଠିତ ହୋଇଛି, ଯେଉଁମାନେ ରାଜ୍ୟର ସମସ୍ତ ଜିଲ୍ଲା ଗସ୍ତ କରି କାର୍ଯ୍ୟକରିବେ। ଏହି ଦଳଗୁଡିକ ତଥ୍ୟର ଗୁଣାତ୍ମକମାନ ଏବଂ ପୂର୍ଣ୍ଣତାକୁ ମୂଲ୍ୟାଙ୍କନ କରିବେ, ଚିହ୍ନଟ କରିବେ ଏବଂ ଯେଉଁଠାରେ ଆବଶ୍ୟକ, ସୁପରଭାଇଜର ଏବଂ ଗଣନାକାରୀମାନଙ୍କର କ୍ଷମତା ବୃଦ୍ଧି କରି କ୍ଷେତ୍ର ସ୍ତରରେ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବେ।

# ଉନ୍ନତ ସୁବିଧା ପାଇଁ ଯାତ୍ରୀ ସଂରକ୍ଷଣ ସେବାକୁ ସୁଗମ କରୁଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୫।୧୨(ମହାଭାରତ): ପୂର୍ବ ତଟ ରେଳପଥ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀକୁ ଉନ୍ନତ କରି ଦକ୍ଷ, ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମ୍ବଲର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ଡିଜିଟାଲ୍ ଟିକେଟିଂ ଆ ।ଡକୁ ବର୍ଦ୍ଧିତ ପରିବର୍ତ୍ତନକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କାଉଣ୍ଟରଗୁଡ଼ିକର ନିରନ୍ତର ସମୀକ୍ଷା କରୁଅଛି ।




ସକ୍ଷମ ଅଧିକାରୀଙ୍କ ଅନୁମୋଦନ ସହିତ, ମେରାମଣ୍ଡଳୀ ଏବଂ କଣାସ ରୋଡ୍ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆ ।ରଏସ) କାଉଣ୍ଟରଗୁଡ଼ିକୁ ୨୧.୧୨.୨୦୨୫ ଠାରୁ କମ୍ ପୃଷ୍ଠପୋଷକତା ଯୋଗୁଁ ପ୍ରତ୍ୟାହାର କରାଯିବାକୁ ନିଷ୍ପତ୍ତି ନିଆ ।ଯାଇଅଛି ।ମେରାମଣ୍ଡଳୀ ଏବଂ କଣାସ ରୋଡ୍ ରେ ଦୈନିକ ହାରାହାରି ଯାତ୍ରୀ ସଂରକ୍ଷଣ ସଂଖ୍ୟା ଯଥାକ୍ରମେ ପ୍ରାୟ ୧୪ ଏବଂ ୧୧ ଟି ଟିକେଟ ଅଟେ ।

କଣାସ ରୋଡ୍ ଅଞ୍ଚଳ ପାଇଁ : ଡେଲାଙ୍ଗ (୪ କିଲୋମିଟର ଦୂର) ଏବଂ ସାକ୍ଷୀଗୋପାଳ (୧୪ କିଲୋମିଟର ଦୂର) ରେ ସଂରକ୍ଷଣ କାଉଣ୍ଟର ଉପଲବ୍ଧ ଅଛି। ମେରାମଣ୍ଡଳୀ ଅଞ୍ଚଳ ପାଇଁ: ତାଳଚେର ଏବଂ ତାଳଚେର ରୋଡ ଷ୍ଟେସନ ଦ୍ୱୟ ଠାରେ ପିଆ ।ରଏସ ସୁବିଧା ଉପଲବ୍ଧ ଏବଂ ଉଭୟ ଟିକେଟ କେନ୍ଦ୍ର ୧୫ କିଲୋମିଟର ମଧ୍ୟରେ ଅବସ୍ଥିତ। ଏହି ବ୍ୟବସ୍ଥାଗୁଡ଼ିକ ରେଳ ବୋର୍ଡ ନିର୍ଦ୍ଦେଶାବଳୀ ଅନ୍ତର୍ଗତ ଅଟେ ଯାହା ୧୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ବିକଳ୍ପ ସଂରକ୍ଷଣ ପ୍ରଣାଳୀ ଟ୍ରେନ ଟିକେଟ କାଉଣ୍ଟର ଥିବା ସ୍ଥାନରେ ପିଆ ।ରଏସ କାଉଣ୍ଟରଗୁଡ଼ିକୁ ଯୁକ୍ତିଯୁକ୍ତ କରିବା ପାଇଁ ଅନୁମତି ମିଳିଥାଏ ।ପୂର୍ବତଟ ରେଳପଥ ମଧ୍ୟ ଅନଲାଇନ୍ ଟିକେଟ ବୁକିଂ ପ୍ରତି ଯାତ୍ରୀମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରିଛି ସଂରକ୍ଷିତ ଟିକେଟର ଏକ ପ୍ରମୁଖ ପ୍ରତିଶତ ବର୍ତ୍ତମାନ ଆ ।ଇଆ ।ରସିଟିସି ୱେବସାଇଟ୍ ଏବଂ ମୋବାଇଲ୍ ଆ ।ପ୍ ଭଳି ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବୁକ୍ କରାଯାଉଛି ଯାହା ଦ୍ରୁତ ଏବଂ ଅଧିକ ସୁବିଧାଜନକ ବିକଳ୍ପ ପାଇଁ ପରିବର୍ତ୍ତିତ ଯାତ୍ରୀ ପସନ୍ଦକୁ ପ୍ରତିଫଳିତ କରୁଅଛି ।

# ୧୪ ବିଶ୍ୱବିଦ୍ୟାଳୟରେ ନାହାନ୍ତି କୁଳପତି

ଭୁବନେଶ୍ୱର,୫।୧୨(ମହାଭାରତ): ରାଜ୍ୟର ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ପଦବୀ ଖାଲି ପଡିଛି । ଏଥି ମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟରେ ୨୦୨୩ ମସିହାରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବା ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି

## ଖାଲି ପଡିଛି ୧୪୩୦ ପଦବୀ

ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧିନରେ ମୋଟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି । ଏଥି ମଧ୍ୟରୁ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡିଛି । ଏଥି ମଧ୍ୟରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୨୦୨୩ ଜୁଲାଇ ମାସରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୦୨୩ ଅକ୍ଟୋବର ମାସରୁ ନିୟମିତ କୁଳପତି ନାହାନ୍ତି । ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୦୨୪ ଅକ୍ଟୋବର ମାସରୁ କୁଳପତି ପଦବୀ ଖାଲି ପଡିଥିବାବେଳେ ଗଙ୍ଗାଧର ମେହେର



ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୨୦୨୪ ଅକ୍ଟୋବର ମାସରୁ ନିୟମିତ କୁଳପତି ପଦବୀ ଖାଲି ପଡିଛି । ଓଡିଆ ବିଶ୍ୱବିଦ୍ୟାଳୟର ଚଳିତବର୍ଷ ଅଗଷ୍ଟ ମାସରୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଜୁଲାଇ ମାସରୁ, ବିକ୍ରମ ଦେବ ମହାବିଦ୍ୟାଳୟରେ ଚଳିତବର୍ଷ ଅଗଷ୍ଟରୁ ଏବଂ ଆଇନ ବିଶ୍ୱବିଦ୍ୟାଳୟ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଏପ୍ରିଲ ମାସରୁ ନିୟମିତ କୁଳପତି ନାହାନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ମାର୍ଚ୍ଚମାସରୁ ନିୟମିତ କୁଳପତି ପଦବୀଟି ଖାଲି ପଡିଛି ।

ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ମରୁଡି । ଖାଲି ପଡିଛି ୧୪୩୦ ପଦବୀ । ଏଥିରୁ ୨୬୧ ପ୍ରାଧ୍ୟାପକ, ୪୫୯ ସହଯୋଗୀ ପ୍ରାଧ୍ୟାପକ ଓ ୭୧୦ ସହକାରୀ ପ୍ରାଧ୍ୟାପକ ପଦବୀ ଖାଲି ପଡିଛି । ୧୪ ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ୬ ଟି ବିଶ୍ୱବିଦ୍ୟାଳୟର ଆଶାୟୀ କୁଳପତି ମାନଙ୍କ ସାକ୍ଷତକାର କାର୍ଯ୍ୟକ୍ରମ ବି ସରିଛି । ସେପଟେ ସରକାରୀ ମହାବିଦ୍ୟାଳୟରେ ୫୬୬ ଅଧ୍ୟାପକ ପଦବୀ ଖାଲି ପଡିଛି । ୩୮୫ ପଦବୀ ପାଇଁ ଓପିଏସସି ବିଜ୍ଞାପନ ଜାରି କରିଥିଲେ । ତାହାର ଚୟନ ପ୍ରକ୍ରିୟା ଜାରି ଅଛି ।୩୦୪ ଅଧ୍ୟାପକ ପଦବୀ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କରିଛନ୍ତି । ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡିକରେ ୧୬୮୯ ଅଧ୍ୟାପକ ପଦବୀ ଖାଲି ପଡିଛି । ୩୦୦ ଅଧ୍ୟାପକ ଡେପୁଟେସନ ଆକାରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାମ କରୁଛନ୍ତି ।

## କନ୍ଧମାଳ ମେଡିକାଲ କଲେଜରେ ଚିକିତ୍ସାର ସମସ୍ତ ବ୍ୟବସ୍ଥା କରାଯିବାକୁ ଦାବି

ଭୁବନେଶ୍ୱର, ୫।୧୨(ମହାଭାରତ): କନ୍ଧମାଳ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀ ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ସତ୍ତ୍ୱେ ସେଠାରେ ଆବଶ୍ୟକୀୟ ଛୋଟ ଛୋଟ ଅପରେସନ ଭଳି ସେବା ମଧ୍ୟ ଲୋକ ମାନଙ୍କୁ ମିଳି ପାରୁ ନାହିଁ । ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିଧାୟକ ଉମାଚରଣ ମଲ୍ଲିକ । ଆଜି ବିଧାନସଭାରେ ଶୂନ୍ୟକାଳରେ ଏହିପ୍ରସଙ୍ଗ ଉଠାଇ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଫୁଲବାଣୀ ଠାରେ ମେଡିକାଲ କଲେଜ ସ୍ଥାପିତ ହେବା ଓ ସେଠାରେ ଏମବିବିଏସ ପାଠ ପଢା ଆରମ୍ଭ କରିଥିବାରୁ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଉଛନ୍ତି । ହେଲେ ସାଧାରଣ ହାତ ଗୋଡ ଭାଙ୍ଗିଲେ ମଧ୍ୟ ଚିକିତ୍ସା ଫୁଲବାଣୀ ଜିଲ୍ଲା ମୁଖ୍ୟାଳୟ ଚିକିତ୍ସାଳୟରେ ହୋଇ ପାରୁ ନାହିଁ । ରୋଗୀ ମାନଙ୍କୁ ବ୍ରହ୍ମପୁର ସ୍ଥିତ ଏମକେସିଜିମେଡିକାଲ କଲେଜକୁ ରେଫର କରି ଦିଆଯାଉଛି । ଫୁଲବାଣୀ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟାଳୟ ହସପିଟାଲରେ ଯେଉଭଳି ସାଧାରଣ ଚିକିତ୍ସା ସେବା ଗୁଡିକ ମିଳି ପାରିବ ସେ ନେଇ ପଦକ୍ଷେ ନେବାକୁ ସେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

# ବିମାନ ପାଇଁ ହଟହଟା ହେଲେ ଭୁବନେଶ୍ୱର ବର

ଭୁବନେଶ୍ୱର୫।୧୨(ମହାଭାରତ):: ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଏବେ ସଙ୍କଟରେ ପଡ଼ିଛି । ଇଣ୍ଡିଗୋ କର୍ମଚାରୀମାନେ ପ୍ରତିଦିନ କୌଣସି ନ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସାରା ଦେଶରେ ଶହ ଶହ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି । ତଥାପି, କିଛି ବିମାନ ବିଳମ୍ବରେ ଚାଲୁଛି । ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଗୋଆ ଏବଂ ଅହମ୍ମଦାବାଦରେ ବିମାନ ସେବା ବାତିଲ କରାଯାଇଛି । ଯାନ୍ତ୍ରିକ ତ୍ରୁଟି ଏବଂ କର୍ମଚାରୀ ଅଭାବ ଯୋଗୁଁ ବିମାନ ସେବାରେ ସମସ୍ୟା ଆରମ୍ଭ ହୋଇଛି । ଏହି କ୍ରମରେ, ଇଣ୍ଡିଗୋ ବିମାନ ବାତିଲର ପ୍ରଭାବ ଯୋଗୁଁ କର୍ଣ୍ଣାଟକର ହୁବଳିରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଇଣ୍ଡିଗୋ ଏୟାରଲାଇନ୍ସର ବ୍ୟାପକ ବିମାନ ବାତିଲ୍ ହେତୁ ଜଣେ ନବ ବିବାହିତ ଦମ୍ପତି ହୁବଳିରେ ନିଜ ରିସେପ୍ସନ୍‌ରେ ପହଞ୍ଚି ନପାରି ଶେଷରେ ଭିଡିଓ କନଫରେନ୍ସିଂ ଜରିଆରେ ସାମିଲ ହୋଇଥିଲେ ।

ସୂଚନା ମୁତାବିକ, ବେଙ୍ଗାଲୁରୁରେ କାର୍ଯ୍ୟ କରୁଥିବା ହୁବଳିର ମେଧା କ୍ଷୀରସାଗର ଏବଂ ଓଡ଼ିଶାର ଭୁବନେଶ୍ୱରର ସଙ୍ଗମ ଦାସ ଉଭୟ ପେଶାରେ ସଫ୍ଟୱେୟାର ଇଞ୍ଜିନିୟର । ଦୁହେଁ ନଭେମ୍ବର ୨୩ ତାରିଖରେ ଭୁବନେଶ୍ୱରରେ ବିବାହ କରିଥିଲେ । ଡିସେମ୍ବର ୩ ତାରିଖରେ କନ୍ୟାଙ୍କ ଜନ୍ମସ୍ଥାନ



ହୁବଳିର ଗୁଜରାଟ ଭବନରେ ସେମାନଙ୍କର ରିସେପ୍ସନ୍ କାର୍ଯ୍ୟକ୍ରମ ରଖାଯାଇଥିଲା । ଡିସେମ୍ବର ୨ ତାରିଖରେ ଏହି ଦମ୍ପତି ଭୁବନେଶ୍ୱରରୁ ବେଙ୍ଗାଲୁରୁ ଦେଇ ହୁବଳି ଯିବା ପାଇଁ ଟିକେଟ୍ ବୁକ୍ କରିଥିଲେ । କିନ୍ତୁ ବିମାନଗୁଡ଼ିକ ବାରମ୍ବାର ବିଳମ୍ବ ହେବା ପରେ ଡିସେମ୍ବର ୩ ତାରିଖ ସକାଳେ ଶେଷରେ ବିମାନ ବାତିଲ ହୋଇଯାଇଥିଲା । ପାଇଲଟ୍ ଅଭାବ ଏବଂ ଅପରେସନାଲ୍ ସମସ୍ୟା ଯୋଗୁଁ ଇଣ୍ଡିଗୋ ଦେଶବ୍ୟାପୀ ଶତାଧିକ ବିମାନ ବାତିଲ୍ କରିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା । ସେପଟେ ରିସେପ୍ସନ୍ ଆୟୋଜନ ହୋଇସାରିଥିବା ହେତୁ ଏବଂ ଅତିଥିମାନେ ପହଞ୍ଚି ସାରିଥିବାରୁ କନ୍ୟାଙ୍କ ପରିବାର ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମକୁ ବାତିଲ କରିପାରି ନ ଥିଲେ । ତେଣୁ ଭୁବନେଶ୍ୱରରେ ରହି ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଦମ୍ପତି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରିସେପ୍ସନ୍‌ରେ ଯୋଗ ଦେଇଥିଲେ । ଘଟଣାକୁ ନେଇ କନ୍ୟାଙ୍କ ମା' କହିଛନ୍ତି, 'ଆମେ ସମ୍ପର୍କୀୟଙ୍କୁ ଭୋଜି ପାଇଁ ନିମନ୍ତ୍ରଣ କରିଥିଲୁ, ତେଣୁ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମ ବାତିଲ କରିବା ଅସମ୍ଭବ ଥିଲା । ଶେଷରେ ପରିବାର ମଧ୍ୟରେ ଆଲୋଚନା ପରେ, ଆମେ ଦମ୍ପତିଙ୍କୁ ଅନଲାଇନ ଜରିଆରେ ରିସେପ୍ସନରେ ଯୋଗଦେବାକୁ କହିଥିଲେ ଏବଂ ସ୍କ୍ରିନରେ ସେମାନଙ୍କର ଅଂଶଗ୍ରହଣର ସିଧା ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଥିଲୁ' ।

# ଟିବିମୁକ୍ତ ଭାରତ

ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱକୁ ଯକ୍ଷ୍ମା(ଟିବି)ମୁକ୍ତ କରିବା ପାଇଁ ଆର୍ନ୍ତଜାତକି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏହାର ପାଂଚ ବର୍ଷ ପୂର୍ବରୁ ଅର୍ଥାତ ୨୦୨୫ ସୁଦ୍ଧା ଭାରତକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଗତ ୨୦୧୮ ମସିହାରେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏବେ ୨୦୨୫ ଶେଷ ହେବାକୁ ଯାଉଥିବାବେଳେ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ବହୁ ଦୂର ବାକି ଥିବା ନେଇ ବିଭିନ୍ନ ସର୍ଭେ ଏବଂ ରିପୋର୍ଟରେ କୁହାଯାଇଛି। ଦେଶରେ ଯକ୍ଷ୍ମା ନିରାକରଣ ଅଭିଯାନ ନେଇ ଗତ ୩ବର୍ଷ ଧରି ବିଭିନ୍ନ ସର୍ଭେ ଓ ଅନୁଧାନକାରୀ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି। ତାହା ହେଉଛି ଭାରତ ଏହି ମାଇଲଖୁଂଟରେ ପହଁଚିବା ପାଇଁ ବର୍ତମାନ ସୁଦ୍ଧା ଟ୍ରାକରେ ନାହିଁ। ଏହା ସତ୍ୱେ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ବା ସଫଳତା ହାସଲ କରିଥିବା କୁହାଯାଇଛି। ଗତ ସପ୍ତାହରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ଗ୍ଲୋବାଲ ଟିବି ସଂକ୍ରାନ୍ତରେ ପ୍ରକାଶିତ ୨୦୨୫ ବାର୍ଷିକ ରିପୋର୍ଟ ଭାରତ ପାଇଁ ଏକ ମିଶ୍ରିତ ଫଳ ସଦୃଶ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଯକ୍ଷ୍ମା ସର୍ବୋଚ୍ଚ ହାରରେ ହ୍ରାସ ପାଇଥିବାବେଳେ ଏବେ ବି ବିଶ୍ୱର ମୋଟ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟାର ଏକ ଚତୁର୍ଥାଂଶରୁ ଅଧିକ ଅର୍ଥାତ ୨୭.୧ ପ୍ରତିଶତ କେବଳ ଭାରତରେ ଅଛନ୍ତି। ଏହାର ଅର୍ଥ ହେଉଛି ୨୦୨୪ରେ ଭାରତରେ ସର୍ବାଧିକ ସଂଖ୍ୟକ ଯକ୍ଷ୍ମା ଆକ୍ରାନ୍ତଙ୍କୁ ଠାବ କରାଯାଇଥିଲା। ୨୦୨୪ରେ ୨୭ଲକ୍ଷରୁ ଅଧିକ ଟିବି ଆକ୍ରାନ୍ତଙ୍କ ଥିବା ରେକର୍ଡ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୫ ପରଠାରୁ ଏକ ଭୂତାଣୁ ସଂକ୍ରମିତ ରୋଗ ଭାରତରେ ୨୧ପ୍ରତିଶତ ହ୍ରାସ ପାଇଛି, ଯାହାକି ବିଶ୍ୱରେ ସର୍ବୋଚ୍ଚ ହାର। ସେହିପରି ଗତ ୯ବର୍ଷ ମଧ୍ୟରେ ଟିବି ମୃତ୍ୟୁ ସଂଖ୍ୟା ମଧ୍ୟ ୨୮ପ୍ରତିଶତ ହ୍ରାସ ପାଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୪ରୁ ୨୦୨୪ ମଧ୍ୟରେ ଟିବି ସଂକ୍ରମଣ ମଧ୍ୟ ୧୨ ପ୍ରତିଶତ ଆନ୍ତର୍ଜାତିକ ସ୍ତରରେ ହ୍ରାସ ପାଇଛି। ଭାରତରେ ଟିବି ସଂକ୍ରମଣ ହ୍ରାସ ସଂକ୍ରାନ୍ତରେ ଯେଉଁ କାରଣଗୁଡିକ ଦର୍ଶାଯାଇଛି ତହିଁରେ ସ୍ୱାସ୍ଥ୍ୟ ସେବା ପ୍ରକ୍ରୀୟାରେ ଉନ୍ନତି, ନିଦାନ ସୁବିଧା ସୁଯୋଗର ବିକାଶ ଅନ୍ତର୍ଭୁକ୍ତ। ୮୦ ପ୍ରତିଶତରୁ ଅଧିକ ଟିବି ମାମଲା ଚିହ୍ନଟ ହୋଇପାରିଛି ସେହିପରି ୨୦୨୨ରେ ଦେଶରେ ୨୮ଲକ୍ଷ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨୦୨୪ରେ ତାହା ୧ଲକ୍ଷ ହ୍ରାସ ପାଇଁ ୨୭ଲକ୍ଷ ହୋଇଥିଲା। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୧୫ରେ ପ୍ରତି ୧ଲକ୍ଷରେ ୨୩୭ ଜଣ ଟିବି ସଂକ୍ରମିତ ଥିବାବେଳେ ୨୦୨୪ରେ ତାହା ୧୮୭କୁ କମି ଯାଇଥିଲା। ସେହିପରି ୨୦୧୫ରେ ପ୍ରତି ୧ଲକ୍ଷ ଜନସଂଖ୍ୟାରେ ଯକ୍ଷ୍ମା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ୨୮ଥିବା ବେଳେ ୨୦୨୪ରେ ତାହା ୨୧କୁ ହ୍ରାସ ପାଇଛି। ତେବେ ୨୦୨୩ରେ ଦେଶରେ ୩,୨୩,୨୦୦ ଟିବି ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲା ବୋଲି 'ହୁ' କହିଛି। ଦେଶର ସର୍ବବୃହତ ଜନବହୁଳ ରାଜ୍ୟ ଉତରପ୍ରଦେଶରେ ସର୍ବାଧିକ ସଂଖ୍ୟାକ ଯକ୍ଷ୍ମା ଆକ୍ରାନ୍ତ ଥିବାବେଳେ ଏହାକୁ ମହାରାଷ୍ଟ୍ର, ବିହାର ଓ ମଧ୍ୟପ୍ରଦେଶ ରହିଛି। ଆମ ରାଜ୍ୟରେ ଟିବି ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମୋଟାମୋଟି ଭାବେ ହସ୍‌ପିଟାଲ, ସ୍ୱାସ୍ଥ୍ୟସେବା କେନ୍ଦ୍ର ଏବଂ ଡାକ୍ତରମାନଙ୍କ ବ୍ୟକ୍ତିଙ୍କ ଚିକିତ୍ସା ସାଙ୍ଗ ବହୁମୁଖୀ ଟିବି ପ୍ରତିରୋଧକାରୀ ଔଷଧର ଉଦ୍‌ଭାବନ ଯୋଗୁଁ ରୋଗକୁ ସମ୍ପୂର୍ଣ୍ଣ ମୂଳପୋଛ କରାଯାଇପାରି ନଥିବାବେଳେ ନିୟନ୍ତ୍ରଣ କରିବାରେ ସଫଳତା ହାସଲ କରିପାରିଛି। ଦେଶରୁ ଟିବିର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସ୍ୱତନ୍ତ୍ର ଭାବେ ଜାତୀୟ ଟିବି ନିରାକରଣ କାର୍ଯ୍ୟକ୍ରମ (ଏନଟିଇପି) ଅଭିଯାନ ଆରମ୍ଭ କରିଛନ୍ତି। ଏହା ନିସନ୍ଦେହ ଯେ, ଏହାକୁ ରାଜଯକ୍ଷ୍ମା ଏବଂ ଏକ ସଂକ୍ରମିତ ରୋଗ ବୋଲି କୁହାଯାଇଥିବାବେଳେ ବହୁ ଆକ୍ରାନ୍ତ ନିଜ ରୋଗକୁ ଲୁଚାଇ ରଖିଥିବା ଜଣାଯାଏ। ଦେଶରେ ପ୍ରାୟ ୫ଲକ୍ଷ ଲୁକାୟିତ ସଂକ୍ରମିତ ଥିବା କୁହାଯାଏ। ଯାହାକି ବିଶ୍ୱର ଏକ ପଂଚମାଶ। ବିଶ୍ୱରେ ଏହିଭଳି ରୋଗୀଙ୍କ ସଂଖ୍ୟା ୨.୪ ମିଲିଅନ ଅଛନ୍ତି। ରୋଗକୁ ଲୁଚାଇ ରଖିବା ଫଳରେ ଅକାଳରେ ଟିବି ଜୀବନ ନେଉଛି। ଏଭଳି ରୋଗୀଙ୍କୁ ଠାବ କରାଯାଇପାରିଲେ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ। ଏ ନେଇ ଜନସାଧାରଣ ସଚେତନ ହେବା ଆବଶ୍ୟକ। ଅନ୍ୟଥା ଟିବି ଜୀବନ ନେବା ସାର ହେବ।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

## ପ୍ରଫେସର ଡାକ୍ତର ସମ୍ରାଟ କର

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ। ନାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ। ପ୍ରଦୂଷଣ ଓ ଜଳବାୟୁ ଜନିତ ସମସ୍ୟା ବର୍ତ୍ତମାନର ସମୟରେ ମାନସିକ କ୍ଷେତ୍ରକୁ ଗଭୀର ଭାବରେ ପ୍ରଭାବିତ କରୁଛି। ତେଣୁ ପ୍ରଦୂଷଣକୁ ଯଥା ସମ୍ଭବ ନିରାକରଣ କରିବା ଓ ଏହି ସମସ୍ୟାକୁ ବ୍ୟକ୍ତିଗତ ଭାବରେ କିପରି ସମାଜର ଉନ୍ନତିକଳ୍ପେ ଦୃଢ଼ବୋଧ ହୋଇ ଲୋପ କରିବା ପାଇଁ ସମ୍ମିଳିତ କାର୍ଯ୍ୟ କରିବା।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ପ୍ରଦୂଷଣ ନିରାକରଣ ଦିବସ

## ବିକ୍ରମ ମହାପାତ୍ର

~~ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି ।~~ ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି ।



ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର ~~(ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ~~ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ~~ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର~~ ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ ।

ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ଏହି ଇ-ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ। ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ।

'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

# ନେତ୍ରମଣି

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

(ନେତ୍ରମଣି) ନେତ୍ର, ଅର୍ଥ ବୁଝିଲେ ଆଖିକୁ ବୁଝାଉଛି, ଦୃଶ୍ୟର ଉତ୍ସ ହିଁ ନେତ୍ର। ନେତ୍ରହୀନଙ୍କ ଯନ୍ତ୍ରଣା ଜୀବନ କେବଳ ସେ ହିଁ ଜାଣନ୍ତି, ଯଦି ତାଙ୍କର କେହି ସହାୟତା କରୁଥାନ୍ତି ସେ ହିଁ ଜାଣିପାରନ୍ତି, ଚକ୍ଷୁହୀନର ସହାୟକ ହିଁ ନେତ୍ରମଣି, ଅନ୍ଧର ଲଉଡି, ବାଡ଼ି ହିଁ ନେତ୍ର ମଣି। ପଣୀର ମଣି ତାର ଚମକ, ବାପା ମାଆଙ୍କ ପୁଅ, ପୁଅର ପୁଅ ଝିଅ, ଝିଅର ପୁଅ ଝିଅ ନେତ୍ରମଣି, ଜନ୍ମାନ୍ଧ କେହି ହୋଇଥିଲେ ସେ ତାଙ୍କ ବାପା ମାଆଙ୍କ ମହା ସମସ୍ୟା, ଅନେକ ଗଳଗ୍ରହ ଭାବିଥାନ୍ତି, କିନ୍ତୁ ନାହିଁ ମାମୁଁ ଠାରୁ କଣ ମାମୁଁ ଭଲ ଏ ନିୟମରେ ଜଣେ ଜନ୍ମ, ଜନ୍ମ ତାଙ୍କର ପିତାଙ୍କ ଅକାଳ ମୃତ୍ୟୁ, ଏପିଲା ଜନ୍ମ ପୂର୍ବରୁ ହୋଇଯାଇଥିଲା। ମାଆଙ୍କର ଏକୋଇର ବାଳା, ପୁଣି ତତ୍କାଳୀନ ବଂଶର ପ୍ରଥମ ସନ୍ତାନ, ଅନ୍ଧ ସନ୍ତାନ ହେଲେ ବି ରାଜଘରର ପରମ୍ପରାରେ କେତେ ଉତ୍ସବ ଦାନ ଖଇରାତ ହୋଇଥିବା ନିଶ୍ଚିତ। ହେଲେ ଅନ୍ଧ ହୋଇଥବା ଲୋକର ପ୍ରଜା ଦୁଃଖ କେମିତି ଦେଖିବେ, ଅବଶ୍ୟ ରାଜା ରାଜ୍ୟର କୋଣ ଅନୁକୋଣ ସଂଦର୍ଶନର ଦୃଶ୍ୟ ପଟଚରଙ୍କ ଚକ୍ଷୁରେ ଦେଖନ୍ତି, ଭିନ୍ନ ଦୃଶ୍ୟ ଗୁପ୍ତଚରଙ୍କ ଦ୍ୱାରା ବୋଧ କରନ୍ତି, ପ୍ରକୃତରେ ରାଜା ହିଁ ପ୍ରଜାଙ୍କ ନେତ୍ରମଣି, ମାତ୍ର ମାରୁ ଦୁର୍ଦ୍ଦାନ୍ତ ଖଳ ରାଜା ପ୍ରଜାଙ୍କ ଚକ୍ଷୁଶୂଳ ହୁଅନ୍ତି, ପ୍ରଜାଙ୍କ ଲୋତକ ପାତ କରନ୍ତି।

ଏଇ ଅନ୍ଧରାଜ ଧୃତରାଷ୍ଟ୍ର ରାଷ୍ଟ୍ରର ଧୃତ ହୋଇଥିଲେ, ଏକ ସୁଯୋଗରେ ତାଙ୍କ ମୁଣ୍ଡରେ ସୁନାଶିରସ୍ତାଣ ମଣ୍ଡନ ହୋଇଥିଲା ସେ ସୁନାର ରଙ୍ଗ ଜାଣନ୍ତି ନାହିଁ କି ମୂଲ୍ୟାୟନ ଜାଣନ୍ତି ନାହିଁ, ତେବେ ଅନ୍ୟମାନେ ଆନୁଗତ୍ୟମାନେ ଆଉ ଅନ୍ଧା କାନୁନ ପ୍ରୟୋଗ କରି ସ୍ୱାର୍ଥସିଦ୍ଧ ମାନେ ଖୁବ ସୁନ୍ଦର ଲାଗୁଛି କହି ଧୃତରାଷ୍ଟ୍ରଙ୍କୁ ବହୁତ ଉପରକୁ ଟେକି ଦେଇଥିଲେ, ଅନ୍ଧ ରାଜାର ନେତ୍ରମଣି ହେଲେ ପୁତ୍ର ଦୁର୍ଯ୍ୟୋଧନ, ଆଖିରପତା ହେଲେ ଦୁଃଶାସନ, ଦୁଷ୍ଟ ଶାସନ, ପ୍ରଜାପୀଡ଼କ ଶାସନରୁ ନିଶ୍ଚୟ, ସତଧନ କେବେ ଆଶା କରାଯାଏ ନାହିଁ, ଦୁଃ ଲାଗିବା ଧନ ଯାହା ଦୁଃର୍ଜୟ ମାର୍ଗରୁ ଆହରଣ ହେଉଥିଲା, ଅନ୍ଧ ରାଜା ରବର ମୋହର ହୋଇ ପୁଅଙ୍କର ରହିଲେ, ରାଜ ଆଦେଶ ହୁକୁମ ଜାହିର ଧୃତରାଷ୍ଟ୍ର ରାଜଙ୍କ ନେତ୍ରମଣିଙ୍କ ପାଇଁ ହେଉଥିଲା। ରାଜପଥରେ ନୁହଁ ଦ୍ୱାପରର ରାଜତନ୍ତ୍ର ମାନ ବିଲୋପ ହୋଇଛି। (କ୍ରମଶଃ)

# ଅନ୍ଧାରର ଦୀପଶିଖା

## ଗିରିଧାରୀ ସାମଲ

ସାଧାରଣ ଭାବରେ କୁହାଯାଇଥାଏ ମନ ସ୍ୱଚ୍ଛ ଥିଲେ ଗଡ଼ିଆ ଗଙ୍ଗା । ମନ ବା ହୃଦୟର ପବିତ୍ରତା ନଥିଲେ ସ୍ୱର୍ଣ୍ଣଦାନ କଲେ ମଧ୍ୟ ତାହା ମାଟିରେ ପରିଣତ ହୋଇଯାଏ ଓ ଅନ୍ତଃକରଣର ସ୍ୱଚ୍ଛତାରେ ମାଟି ସୁନା ପାଲଟି ଯାଏ । ଲୋକଦେଖାଣିଆ ଭାବରେ ଯାହା କିଛି କରାଯାଇଥାଏ ତା'ର ଭାଗବତ ମୂଲ୍ୟ ନଥାଏ । ଅନ୍ତରର ସ୍ୱଚ୍ଛତା ପାଇଁ ଧ୍ୟାନ, ଧାରଣା, ତପସ୍ୟା ଆଦିର ମାର୍ଗ ନିର୍ଦ୍ଦେଶ କରାଯାଇଛି । ଏସବୁକୁ ବାଦ୍ ଦେଇ ମଧ୍ୟ ଏକନିଷ୍ଠ ଚିତ୍ତରେ, ସ୍ୱଚ୍ଛ ମନ ନେଇ ଯାହା କରାଯାଇଥାଏ ତାହା ଫଳପ୍ରଦ ହୋଇଥାଏ । ଏ ସମ୍ପର୍କରେ ଭଗବାନ ବୁଦ୍ଧଙ୍କ ସମୟର ସତ୍ୟ ଘଟଣାଟି । ଜଣେ ବୃଦ୍ଧା ଭଗବାନ ବୁଦ୍ଧଙ୍କୁ କିଛି ଦେବା ପାଇଁ ଚାହିଁଲେ । ବୃଦ୍ଧାଙ୍କ ପାଖରେ ଦୁଇଓଳି ଖାଇବାକୁ ଦୁଇମୁଠା ଅନ୍ନ ନଥିଲା । ଏଠିସେଠି ଛୋଟମୋଟ କାମ କରି ଯେଉଁ ଦି'ପଇସା ମିଳୁଥିଲା ସେଥିରେ ସେ ତାଙ୍କର ଗୁଜୁରାଣ ମେଣ୍ଟାଉଥିଲେ । ମନ ଅତ୍ୟନ୍ତ ଶଙ୍କାକୁଳ ଥିଲା ଏଇଥିପାଇଁ ଯେ ତଥାଗତଙ୍କୁ କିଛି ସମର୍ପଣ ନକରି ଯଦି ମରିଯାନ୍ତି ତେବେ ତାଙ୍କର ବଡ଼ ଅବଶୋଷ ରହିଯିବ । ଦିନକର ଘଟଣା, ବୃଦ୍ଧାଙ୍କୁ ସାଧାରଣ କାମ ବ୍ୟତୀତ କିଛି ଅତିରିକ୍ତ କାମ ମିଳିଲା । ଦି'ପଇସା ଅଧିକ ହେଲା । ବୃଦ୍ଧା ସେଇ ଅଧିକ ପଇସାରେ ତୁରନ୍ତ ଦୋକାନକୁ ଯାଇ ଏକ ଦୀପ, ତୁଳାବତୀ ତଥା କିଛି ତେଲ ଆଣି ସିଧା ବୁଦ୍ଧଙ୍କ ନିକଟକୁ ଗଲେ । ଭଗବାନ ବୁଦ୍ଧଙ୍କ ନିକଟକୁ ଯାଇ ବୃଦ୍ଧା ବିନୟରସହ କହିଲେ ଭଗବାନ ! ଆପଣଙ୍କୁ ଦେବା ନିମିତ୍ତ ମୋ ନିକଟରେ ଏହି ଦୀପଟିଏ ବ୍ୟତୀତ ଆଉ କିଛି ନାହିଁ । ଏହାକୁ କୃପାକରି ସ୍ୱୀକାର କରନ୍ତୁ ପ୍ରଭୁ ! ବୃଦ୍ଧା ଏହାକହି ତଥାଗତଙ୍କ ନିକଟରେ ଦୀପଟି ରଖିଦେଲେ । ସେଠାରେ ଆହୁରି ଅନେକ ଦୀପ ଜଳୁଥିଲା । ସମୟ କ୍ରମେ ତେଲ ସରିଯିବାରୁ ସେଠାରେ ଜଳୁଥିବା ଦୀପଗୁଡ଼ିକ ଲିଭି ଯାଇଥିଲା, କିନ୍ତୁ ବୃଦ୍ଧାଙ୍କ ଦୀପଟି ପୂର୍ବବତ ଜଳୁଥାଏ । ପ୍ରତ୍ୟୁଷରେ ଦୀପଗୁଡ଼ିକୁ ସଫା କରିବାକୁ ଯାଇ ଶିଷ୍ୟମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଦେଖିଲେ ବୃଦ୍ଧାଙ୍କ ଦୀପ ପୂର୍ବଭଳି ତୈଳପୂର୍ଣ୍ଣ ହୋଇ ଜଳୁଛି । ଦିନରେ ଦୀପ ଜଳାଇବାର କୌଣସି ଆବଶ୍ୟକତା ନଥିଲା । (ବୁଦ୍ଧଙ୍କ କୁଟୀରର ନିୟମ ଅନୁଯାୟୀ) ଏହି ବିଚାରରେ ଶିଷ୍ୟମାନେ ଦୀପଟିକୁ ଲିଭାଇଦେବାକୁ ଯତ୍ପରୋନାସ୍ତି ଚେଷ୍ଟାକଲେ, କିନ୍ତୁ ସେମାନଙ୍କ ସମସ୍ତ ଶ୍ରମ ବୃଥା ହେଲା । ଭଗବାନ ବୁଦ୍ଧ ଗୋଟିଏ କୋଣରେ ବସିରହି ଏହି ଦୃଶ୍ୟ ଦେଖୁଥିଲେ । ଶିଷ୍ୟଙ୍କ ନିକଟକୁ ଯାଇ କହିଲେ, ସାରା ସମୁଦ୍ରର ପାଣି ଉପଯୋଗ କରି ମଧ୍ୟ ତୁମେମାନେ ଏହ ଲିଭାଇବାକୁ ସକ୍ଷମ ହେବନାହିଁ । ଏକ ସ୍ୱଚ୍ଛ, ନିଷ୍ପାପ ହୃଦୟରେ ବୃଦ୍ଧାଜଣକ ସେଇ ଦୀପଟି ଉତ୍ସର୍ଗ କରିଛି । ଦୀପଟି ଜଳାଇବା ବ୍ୟତୀତ ବୃଦ୍ଧାଙ୍କ ନିକଟରେ ଆଉ କିଛି ସମ୍ବଳ ନଥିଲା । ସଚ୍ଚା ଭକ୍ତି ଓ ସତ୍ ସମର୍ପଣ ଭାବ । ଏଭଳି ବ୍ୟକ୍ତିଙ୍କ ଦୀପାଲୋକକୁ ନିର୍ବାପିତ କରାଯାଇ ନପାରେ । ସମଗ୍ର ଦୁନିଆକୁ ଆଲୋକିତ କରିବାର କ୍ଷମତା ଏମାନଙ୍କର ରହିଛି । ଯଥାର୍ଥରେ ଏମାନେ ଅନ୍ଧାରରେ ଆଲୋକ । ତଥାଗତଙ୍କଠାରୁ ଏହା ଶୁଣି ବୃଦ୍ଧାଙ୍କ ଭକ୍ତି, ଶ୍ରଦ୍ଧା, ଆବେଗ ନିକଟରେ ଶିଷ୍ୟମାନଙ୍କର ମସ୍ତକ ସ୍ୱତଃ ନଇଁ ଆସିଲା । ଅନାବିଳ ଭକ୍ତିରେ ବାନ୍ଧି ହୋଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଶବରୀର ଅଇଁଠା ଫଳ ଖାଇବା, ପ୍ରଭୁ ଶ୍ରୀଜଗନ୍ନାଥ ଦାସିଆ ବାଉରୀର ନଡ଼ିଆଟି ହାତବଢ଼ାଇ ନେବା ତ ଏଇ ଏକ ସ୍ୱଚ୍ଛ, ଆବିଳତାହୀନ ହୃଦୟରେ ଥିବା ଭକ୍ତିର ପ୍ରତୀକ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଫୁ.

ଉଦଳା, (ମହାଭାରତ) : ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ହେଉଥିବା ଅନିୟମିତତାକୁ ନେଇ ଉଠିଛି ପ୍ରଶ୍ନ । କାହିଁକି ନା ଶିକ୍ଷା ବିଭାଗରେ ବିଭିନ୍ନ ଦୁର୍ନୀତି ନେଇ ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ହାତବାନ୍ଧି ବସିଛନ୍ତି । ଯାହା ତମାମ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତାକୁ ନେଇ ଛିଡା କରିଛି ବଡ ପ୍ରଶ୍ନ । ଶିକ୍ଷା ଅଧିକାରୀ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ଜିଲ୍ଲାପାଳଙ୍କ ଅର୍ଡରକୁ ବେଖାତିର କରୁଛନ୍ତି, ନା କରୁଛନ୍ତି ତଦନ୍ତ ନା ସମସ୍ତ ଦସ୍ତାବିଜ୍ ଥାଇ ନେଉଛନ୍ତି କାର୍ଯ୍ୟାନୁଷ୍ଠାନ । ସେଭଳି ଏକ ଘଟଣା ପୁଣି ସାମ୍ନାକୁ ଆସିଛି । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଶିକ୍ଷା ଜିଲ୍ଲା ଅଧିନ ପୋଡାଡିହା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତିରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିବା ପରେ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ କୁନ୍ଥୁ କୁନ୍ଥୁ । ପୋଡାଡିହା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପଦରେ ଥିବା ନୃସିଂହ କୁମାର କଳିଆ ଏବଂ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ମହାପାତ୍ର ଜାଲିଆତି କରି ପିସିଏମ୍ ଏବଂ ସିବିଜେଡ ଶିକ୍ଷକ ନିଯୁକ୍ତି କରାଇ ସରକାରଙ୍କ ରାଜକୋଷରୁ ଆସୁଥିବା ଟଙ୍କା ହଡପ କରିଥିବା ନେଇ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ଅଭିଯୋଗ କରିଥିଲେ । ପୂର୍ବତନ ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ଗତ ଅଗଷ୍ଟ ୨୫ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଜାଲିଆତି ନିଯୁକ୍ତି ନେଇ ସମସ୍ତ ଦସ୍ତାବିଜ୍ ଦାଖଲ କରିବା ସହିତ ଅଭିଯୋଗ କରିଥିଲେ । ଯେଉଁଥିରେ ଜିଲ୍ଲାପାଳ ତୁରନ୍ତ ଏହି ଘଟଣାର ତଦନ୍ତ କରି ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପରେ କୌଣସି ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ନ ହେବାରୁ ତତପରେ ପୁନଶ୍ଚ ସମାନ ଅଭିଯୋଗକୁ ନେଇ ସେପ୍ଟେମ୍ବର ୨୨ ତାରିଖରେ ପୁନଶ୍ଚ ଜିଲ୍ଲାପାଳଙ୍କ ନିକଟରେ ପୂର୍ବତନ ସମ୍ପାଦକ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ଘଟଣାର ତଦନ୍ତ କରି ଜାଲିଆତି କରିଥିବା ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଦୁଇ ଦୁଇ ଥର ଜିଲ୍ଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଏହାକୁ ଫୁ.. କରି ଉଡାଇ ଦେଇଛନ୍ତି । ନା କରୁଛନ୍ତି ତଦନ୍ତ ନା ନେଉଛନ୍ତି କାର୍ଯ୍ୟାନୁଷ୍ଠାନ । କେବଳ ଜିଲ୍ଲାପାଳଙ୍କ ନିକଟରୁ ଯାଇଥିବା ନିର୍ଦ୍ଦେଶ କପିକୁ ଫାଇଲ୍ ତଳେ ଚାପି ଦେଇ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ବସିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ଏପରିକି ଏହି ସଂକ୍ରାନ୍ତରେ ଖବର ପରିବେଷଣ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ଲୋଡିଥିବା ବେଳେ ପ୍ରତିକ୍ରିୟାରେ ତୁରନ୍ତ ଏହାର ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଖୋଦ୍ ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ, ହେଲେ ତାହା ବି କରିଲେ ନାହିଁ । ପୋଡାଡିହା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଥିବା ଗଣିତ ଶିକ୍ଷକ ସମୀର କୁମାର ଘୋଷ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ଦେବସ୍ମିତା ଦାସଙ୍କୁ ଜାଲିଆତି କରିଥିବା ନିଯୁକ୍ତି ନେଇ ସମସ୍ତ ଦସ୍ତାବିଜ୍ ଥିବା ସତ୍ତ୍ୱେ ସଂପୃକ୍ତ ଶିକ୍ଷକ ଏବଂ ନିଯୁକ୍ତି ଦେଇ ଜାଲିଆତି କରିଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବକୁ ପଦାରେ ପକାଇଛି । ପ୍ରଶ୍ନ ଉଠେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କଣ ଏମିତି ଜିଲ୍ଲା ଶିକ୍ଷା ଅଧିକାରୀ ବାଏଁ ବାଏଁ ଉଡାଇ ଦେଇପାରିବେ । କଣ ପାଇଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଉଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ଏହାର ମଧ୍ୟ ତଦନ୍ତ ହେଲେ ସବୁ ସତ ସାମ୍ନାକୁ ଆସିପାରିବ ।

## ନାବାଳିକା ଦୁଷ୍କର୍ମକାରୀ କୁ ୨୦ ବର୍ଷ ଜେଲ ଦଣ୍ଡ ଦେଲେ ସ୍ୱତନ୍ତ୍ର ପୋକ୍ସ କୋର୍ଟ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ୨୦୨୦ ରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଘଟଣାର ଶୁକ୍ରବାର ରାୟ ପ୍ରକାଶ ପାଇଛି। କେନ୍ଦୁଝର ଅତିରିକ୍ତ ଜିଲା ଦୌରାଜଜ ଓ ସ୍ୱତନ୍ତ୍ର ପୋକ୍ସ କୋର୍ଟର ଜଜ ମୋନାଲିଶା ମହାନ୍ତି ଅଭିଯୁକ୍ତ ଜମାଦାର ମୁଣ୍ଡାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨ ହଜାର ଟଙ୍କା ଜରିମନା, ଅନାଦେୟ ଅଧିକ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ପୀଡ଼ିତାକୁ ପ୍ରାଧିକରଣ ତରଫରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୦ ମାର୍ଚ୍ଚ ୩ ତାରିଖ ଅପରାହ୍ନରେ ବଡ଼ବିଲ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକା ତାଙ୍କ ଘର ନିକଟସ୍ଥ ଗାଡିଆକୁ ଶାଗ ତୋଳିବାକୁ ଏକୁଟିଆ ଯାଇଥିଲେ। ସେ ଶାଗ ତୋଳୁଥିବାବେଳେ ଗାଡ଼ା ହାଟିଙ୍ଗର ମୁଦାଲା ଜମାଦାର ମୁଣ୍ଡା ଗାଡିଆରେ ପହଁଚି ନାବାଳିକାକୁ ଜୋର ଜବରଦସ୍ତ ପାଟିରେ ହାତ ଦେଇ ନିକଟସ୍ଥ ଏକ ବୁଦା ମୂଳକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ନାବାଳିକାର ପାଟି ଶୁଣି ସେହି ବାଟ ଦେଇ ଯାଉଥିବା ଟୁନୁ ଗୋପ ନାମକ ଜଣେ ବ୍ୟକ୍ତି ପୀଡ଼ିତାଙ୍କ ମା କୁ ଏ ବାବଦରେ ଜଣାଇଥିଲେ। ପୀଡ଼ିତାଙ୍କ ମା ଏଭଳି ଜଘନ୍ୟ କଥା ଶୁଣି ଦୌଡ଼ି ଦୌଡ଼ି ସେହି ସ୍ଥାନକୁ ଯିବାବେଳେ ତାଙ୍କୁ ଦେଖି ଅଭିଯୁକ୍ତ ସେଠାରୁ ଦୌଡ଼ି ଚାଲି ଯାଇଥିଲା। ଏ ବାବଦରେ ତାଙ୍କ ସହିପଡୀସାଙ୍କ ଭଦ୍ର ଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା। ସେଠାରେ କିଛି ସମାଧାନ ହୋଇ ନପାରିବାରୁ ପୀଡ଼ିତାଙ୍କ ମା ଘଟଣାର ପରଦିନ ବଡ଼ବିଲ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଲିଖିତ ଅଭିଯୋଗ ଅନୁସାରେ ବଡ଼ବିଲ ଥାନା କେଶ ନମ୍ବର ୩୧/୨୦୨୦ ରେ ମାମଲା ରୁଜ୍ଜୁ କରି ତଦନ୍ତକାରୀ ପୁଲିସ ଅଧିକାରୀ ସୁଶିଲା ବାର୍ଲା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାଟି କେନ୍ଦୁଝର ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟରେ ବିଚାର ଚାଲିଥିଲା। ସରକାରଙ୍କ ପକ୍ଷରୁ ପୋକ୍ସ କୋର୍ଟ ର ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର କେଶ ପରିଚାଳନା କରୁଥିଲେ। ୧୫ ଜଣ ସାକ୍ଷ ଓ ପ୍ରମାଣ ଆଧାରରେ ଶୁକ୍ରବାର କୋର୍ଟ ଧାରା ୩୭୬(୩),୪(୨) ପୋକ୍ସ ଆଇନ ଅନୁସାରେ ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି।

## ମା' ଭୈରବୀ ୟୁଥ ଭଲିବଲ ଶୁଭ ଉଦଘାଟନ କଲେ ବିଜେପି ଜିଲ୍ଲା ସଭାପତି

କଲ୍ୟାଣ ସିଂହପୁର, (ମହାଭାରତ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ପୁରୁଣା ବସଷ୍ଟାଣ୍ଡ ଠାରେ ମା ଭୈରବୀ ୟୁଥ ଭଲିବଲ ଟୁର୍ଣ୍ଣାମେଣ୍ଟ ଶୁଭ ଉଦଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ଉପସ୍ଥିତ ରହିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ମୁଖ୍ୟ ଆୟୋଜକ ସନ୍ଦୀପ ଗୁଡଲା, ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, ବରିଷ୍ଠ ବିଜେପି କୃଷ୍ଣ ସାମଲ, ରାୟଗଡା ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ସନ୍ତୋଷ ବଛା ଉପସ୍ଥିତ ରହିଥିଲେ । ଆଜିର ଉଦଘାଟନି ଉତ୍ସବରେ କଲ୍ୟାଣସିଂହପୁର ର ସାଗର ଦଳ ଓ ପଲମା ଦଳ ମଧ୍ୟରେ ଖେଳ ହୋଇଥିଲା ।ଏଥିରେ ପାଲମା ଦଳ ବିଜେତା ହୋଇଥିଲା। ଆଜିଠାରୁ ପ୍ରାରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୬ ଟି ଭାଗ ନେଇଛନ୍ତି। ବିଜେତା ଦଳ କୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ଓ ରନର ଟିମ କୁ ଟ୍ରଫି ସହ ପନ୍ଦର ହଜାର ଟଙ୍କା ପ୍ରଦାନ କରା ଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଆଜିର ଏହି ଭଲିବଲ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଶହ ଶହ ଖେଳ ପ୍ରେମୀ ଙ୍କ ଭିଡ଼ ଜମିଥିଲା।

## ମେସର୍ସ ବୈତରଣୀ ଆଇରନ ଓର ସୁନନ୍ଦନ ଖଣିର ଜନଶୁଣାଣୀ ଶେଷ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା,ବଡ଼ବିଲ ତହସିଲ ଅନ୍ତର୍ଗତ ଇଙ୍ଗାଣୀ ଝରଣ ଦଡୁଆଁ ଗ୍ରାମରେ ଥିବା ମେସର୍ସ ବୈତରଣୀ ଆଇରନ ଓର ସୁନନ୍ଦନ ଖଣି ର ଜନଶୁଣାଣୀ ଶେଷ ହୋଇଛି। ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୬୫.୩୯୭ ହେକ୍ଟର ଅଞ୍ଚଳରେ ବୈତରଣୀ ଲୁହା ଖଣି ଲିଜ ଅଞ୍ଚଳରେ ଲୁହା ଖଣିର ଉତ୍ପାଦନ କ୍ଷମତା ୦.୫୭୧୬ ଏମଟିପିଏରୁ ୪.୯୯ ଏମଟିପିଏକୁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତୃପକ୍ଷ ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ସର୍ବସମ୍ମତିକ୍ରମେ ଖଣି ସପକ୍ଷରେ ଯାଇଥିଲା । ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡବିଲ ତହସିଲ ଦଡୁଆଁ ମୌଜାରେ ଶୁକ୍ରବାର ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣୀକୁ ପରିଚାଳନା




କରିଥିଲେ । ଏହି ଜନଶୁଣାଣୀରେ ପ୍ରଶାସନିକ ପଦାଧିକାରୀ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ତହସିଲଦାର ରାକେଶ ପଣ୍ଡା ଓ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରଥମେ ଖଣି କମ୍ପାନୀ ପ୍ରତିନିଧି ପ୍ରଣବ କୁମାର ମହାନ୍ତିଙ୍କ ପକ୍ଷରୁ ବୈତରଣୀ ଆଇରନ ଓର ଖଣି ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ଖଣି ଦ୍ୱାରା କେଉଁ ସବୁ ପ୍ରଭାବ ପଡ଼ିବ ଏବଂ ତାହାର ନିରାକରଣ କିପରି କରାଯିବ ସେନେଇ ସେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ଲୌହ ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ଶୁଣାଣୀରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା । ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ବିରିକଳା, କଣ୍ଡରା, ଅଂସେଇକଳା, ଚମକପୁର, ଦେଓଝର ପଂଚାୟତର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ । ଏହି ସର୍ବସାଧାରଣ ଜନଶୁଣାଣୀରେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀ ମାନେ ନିଜର ସ୍ୱୀକୀୟ ମତାମତ ପ୍ରଦାନ କରିଥିଲେ । ଏହି ଜଣାଶୁଣାଣି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ । ପାରିପାର୍ଶିକ ଉନ୍ନତି,ପାନୀୟ ଜଳ, ଗମନାଗମନ, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖଣି କମ୍ପାନୀ ଯନ୍ତ୍ରବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ । ଖଣି ଜନଶୁଣାଣୀକୁ ୩୧ ଜଣ ସମ୍ପୂର୍ଣ୍ଣ ସପକ୍ଷରେ ମତ ପ୍ରଦାନ କରିଥିବା ବେଳେ ୨୦ ରୁ ଉର୍ଦ୍ଧ୍ୱ ଜଣ ଅତିରିକ୍ତ ଜିଲ୍ଲପାଳଙ୍କ ନିକଟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଏହି ଜନଶୁଣାଣୀକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରଭାବିତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବନ୍ଦୋବସ୍ତ, ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରି ସର୍ତ୍ତ ମୂଳକ ସମର୍ଥନ ଜାଣଇଥିଲେ ଗ୍ରାମବାସୀ । ପରିଶେଷରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କର କହିଥିଲେ ଯେ, ଦୁଇଟି ପର୍ଯ୍ୟାୟ ମରେ ଏହାକୁ ଅନୁଶୀଳନ କରାଯାଉଛି। ଗୋଟିଏ ପାରିପାର୍ଶ୍ୱିକ ଉନ୍ନତି କରଣ ଏବଂ ଅନ୍ୟଟି ପରିବେଶିୟ ସନ୍ତୁଳନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ ଖଣି କମ୍ପାନୀ ପ୍ରତିନିଧିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ।

## ଲୁହା ପଥର ବୋଝେଇ ଟ୍ରକ୍ ଜବତ

ଯୋଡା, ୫/୧୨(ମହାଭାରତ)କେନ୍ଦୁଝର ଜିଲ୍ଲା ବଡବିଲ ରେଞ୍ଜ ବିଲେଇପଦା ସେକ୍ସନ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ରୁ ଚୋରା ଲୁହା ପଥର ବୋଝେଇ କରୁଥିବା ସମୟରେ ବନବିଭାଗ ଚଢାଉ କରି ଲୁହାପଥର ବୋଝେଇ ଟ୍ରକ କୁ ଜବତ କରିଛି ।ଶୁକ୍ରବାର ଦିନ ଦ୍ୱିପ୍ରହର ସମୟରେ ବିଲେଇପଦା ସେକ୍ସନ ଠାକୁରାଣୀ ସଂରକ୍ଷିତ ଜଂଗଲ ରେ ଟ୍ରକ୍ ଯୋଗେ ଲୁହାପଥର ଚୋରା ଚାଲାଣ ପାଇଁ ଯୋଗଯୋଜନା ସଂପର୍କ ରେ ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ସଦଳ ବଳେ ଚଢାଉ କରିଥିଲା। କ୍ଷ ସୁଯୋଗ ଦେଖି ଲୁହାପଥର ଲୋଡକରୁଥିବା ବ୍ୟକ୍ତି ମାନେ ଘଟଣା ସ୍ଥଳରୁ ଫେରାର ହେଇଯାଇଥିବା ବେଳେ ପ୍ରାୟ ୨୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ଟ୍ରକ ନଂ ଓ ଆର ୦୯ ଏନ୍ ୯୮୯୬ କୁ ଜବତ କରିଛି ଏବଂ ଏହି ଘଟଣା ରେସଂପ ?କ୍ତ ବ୍ୟକ୍ତି କୁଂ ଧରିବାକୁ ତନାଘନା ଆରମ୍ଭ କରି ଥିବା ବିଲେଇ ପଦା ବନପାଳ ମୋହିନୀ ମହାନ୍ତ ସୂଚନା ଦେଇଛନ୍ତି ।

## ପାରାଦୀପ ବନ୍ଦର ପ୍ରାଧିକରଣ ର ସିଭିଓ ଭାବେ ଆର.ଏନ. ଅବନୀକାନ୍ତ ପରିଡାଙ୍କ ଦାୟିତ୍ୱ ଗ୍ରହଣ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ର ଚିଫ ଭିଜିଲାନ୍ସ ଅଫିସର (ସିଭିଓ) ଭାବେ ଆର. ଏନ. ଅବନୀକାନ୍ତ ପରିଡା (୪୩), ଆଇଆରପିଏସ (୨୦୧୧) ଗତ ଡିସେମ୍ବର ୩ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ସେ ୨୦୧୧ ବ୍ୟାଚର ଜଣେ ଭାରତୀୟ ରେଳବାଇ କାର୍ମିକ ସେବା ଅଧିକାରୀ (ଆଇଆରପିଏସ)। ସେ ଓଡ଼ିଶା ରାଜ୍ୟର ଜଗତସିଂପୁର ଜିଲ୍ଲାର ବାସିନ୍ଦା। ସେ ମୁମ୍ବାଇର ଟିଏସ ଚାଣକ୍ୟ ବିଶ୍ୱବିଦ୍ୟାଳୟରୁ ସାମୁଦ୍ରିକ ବିଜ୍ଞାନରେ ବିଏସସି ପାଠ ପଢିଥିଲେ ଏବଂ ଜଣେ ମର୍ଚ୍ଚାଣ୍ଟ ନେଭି ଅଫିସର ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ତାଙ୍କର ୧୮ ବର୍ଷର ସେବା ମଧ୍ୟରେ, ସେ ମର୍ଚ୍ଚାଣ୍ଟ



ନେଭିରେ ୪ ବର୍ଷ ଏବଂ ଭାରତୀୟ ରେଳବାଇରେ ପ୍ରାୟ ୧୪ ବର୍ଷ ରେଳ ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇରେ ତାଙ୍କର ଉଜ୍ଜ୍ୱଳ କ୍ୟାରିୟରରେ, ଶ୍ରୀ ପରିଡା ଖୋର୍ଦ୍ଧା ଡିଭିଜନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ପାରାଦୀପ ବନ୍ଦରରେ ଯୋଗଦେବା ପୂର୍ବରୁ, ସେ ପୂର୍ବ ତଟ ରେଳବାଇର ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ସାମୁଦ୍ରିକ କାର୍ଯ୍ୟ ବିଶେଷକରି ଜାହାଜ ଚଳାଚଳ, ମାନବ ସମ୍ବଳ, ଶୃଙ୍ଖଳାଗତ କାର୍ଯ୍ୟ ଇତ୍ୟାଦିରେ ସମୃଦ୍ଧ ଅଭିଜ୍ଞତା ରହିଛି। ସେ ବିଭିନ୍ନ ସରକାରୀ / ସରକାରୀ ସଂସ୍ଥାରେ ଅତିଥି ଅଧ୍ୟାପକ ଭାବରେ ଯୋଗ ଦେଇ ଶୃଙ୍ଖଳାଗତ କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରନ୍ତି।

## ଜ୍ଞାନ ବିଜ୍ଞାନ ମେଳାରେ ଜୁନିଅର ସାଇଣ୍ଟିଷ୍ଟ

ପରଜଙ୍ଗ (ମହାଭାରତ) ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବିଶ୍ୱେଶ୍ୱର ବିଦ୍ୟାପୀଠ ମୁଣ୍ଡେଇଲୋ ଠାରେ ବ୍ଲକ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। । ଏଠାରେ ବ୍ଲକ ଶିକ୍ଷା ଅଧିକାରୀଣୀ ପ୍ରିୟଦର୍ଶିନୀ ନାୟକ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷା ଯଶଶ୍ୱିନୀ ରାଉତ ଯୋଗ ଦେଇ ଫିତା କାଟି ଏହାର ଉଦ୍ ?ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପରଜଙ୍ଗ ମହାବିଦ୍ୟାଳୟ ର ଗଣିତ ମୁଖ୍ୟ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିଏମ ଶ୍ରୀ ମହେଶ୍ଚନ୍ଦ୍ର ସୁବହୁ ସିଂ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଏବିଇଓ ସଂଯୁକ୍ତା ସାମଲ, ସତ୍ୟବ୍ରତ ସାହୁ, ବୈଜ୍ୟୋଷ୍ଠ ବ୍ୟକ୍ତି ଦୁର୍ଗା ଚରଣ ନାୟକ, ଲୋଧଣୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ବିଶାଳ, ବିଶ୍ୱେଶ୍ୱର ବିଦ୍ୟାପୀଠ ମୁଣ୍ଡେଇଲୋ ର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ପ୍ରସାଦ ଭୁଜବଳ ପ୍ରମୁଖ ମଞ୍ଚାସିନ ଥିଲେ । ସିଆରସିସି ଦୁଷ୍ମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ , ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ଇକୋ କ୍ଲବ୍ ତିନୋଟି ସ୍ତରରେ କୁନି ବୈଜ୍ଞାନିକ ଆବିଷ୍କାର କରାଯିବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ରେ ୩୯ ଟି ସ୍କୁଲ ଭାଗ ନେଇଥିବା ବେଳେ ଇକୋ କ୍ଲବ୍ ର ୬୪ ଟି ଏବଂ ବାଲ ବୈଜ୍ଞାନିକ ୮୨ ଟି ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରଦର୍ଶନୀ ଜ୍ଞାନ ବିଜ୍ଞାନ ମେଳାରେ ବ୍ଲକର ବିଭିନ୍ନ ସ୍କୁଲରୁ ୧୮୫ଟି ପ୍ରୋଜେକ୍ଟ ଅଂଶ ଗ୍ରହଣ କରିଥିଲେକ୍ଷ ଏଥିସହ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ ।

## ଶୀତ ଲହରୀ ପ୍ରଭାବ; କୋରାପୁଟରେ ଶନିବାର ସ୍କୁଲ ସମୟ ପରିବର୍ତ୍ତନ

ଦଶମନ୍ତପୁର, (ମହାଭାରତ): ଜିଲ୍ଲାରେ ବଢୁଥିବା ତିବ୍ର ଶୀତ ଲହରୀ ଓ ପ୍ରଭାତୀୟ କୁହୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ସରକାରୀ ଓ ବେସରକାରୀ ସମସ୍ତ ବିଦ୍ୟାଳୟରେ ଏହି ଶନିବାର ଠାରୁ ପ୍ରାତଃ ୬:୩୦ରେ ନ ହୋଇ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କ୍ଲାସ୍ ଚାଲିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଏହି ସମୟ ପରିବର୍ତ୍ତନ ସମ୍ବନ୍ଧୀୟ ଆଦେଶ ସମସ୍ତ ବିଦ୍ୟାଳୟରେ ଜାରି କରିଛନ୍ତି। ପରିବର୍ତ୍ତନର ମୁଖ୍ୟ କାରଣ: ଶୀତ



ଲହରୀର ବୃଦ୍ଧି, ପ୍ରଭାତୀୟ କୁହୁଡ଼ି, ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରଶାସନର କହିବା ଅନୁଯାୟୀ, ଏହି ନିଷ୍ପତ୍ତି ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଧ୍ୟାନ ରେ ରଖି ନେଇଯାଇଛି। ଏହି ସମୟ ପରିବର୍ତ୍ତନ କେବଳ ଶନିବାର ପାଇଁ। ଶୀତ ଲହରୀ ଅବ୍ୟାହତ ରହିଲେ ଆଗାମୀ ଦିନରେ ମଧ୍ୟ ଏହା ବଢ଼ିପାରେ। ନୂତନ ନୋଟିସ୍ ପରେ ଜାରି ହେବ।

## ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳିତ




ଦଶପଲ୍ଲା, (ମହାଭାରତ): ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଦଶପଲ୍ଲା କୃଷ୍ଣପ୍ରିୟା ମହିଳା ମହାବିଦ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ଦଶପଲ୍ଲା ସହର ପରିକ୍ରମା କରିଥିଲେ। ଯୁବ ରେଡ଼କ୍ରସ ୟୁନିଟ ଓ ରେଡ ରିବନ କ୍ଲବ ର ସଦସ୍ୟ ଙ୍କ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପ୍ରଭାତ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସୈନିକ ସରୋଜ କୁମାର ପଣ୍ଡା ଯୋଗ ଦେଇଥିଲେ। ଶତାଧିକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିବାବେଳେ କଲେଜ ର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିବାବେଳେ ସଂଚାଳକ ଭାବେ କଲେଜ ର ଇଁରାଜୀ ଅଧ୍ୟାପକ ତଥା ଯୁବ ରେଡ଼କ୍ରସ ପରାମର୍ଶଦାତା ଧୀରେନ୍ଦ୍ର କୁମାର ମହାରଣା ପରିଚାଳନା କରିଥିଲେ। ଏ ଦିବସ ଟିକୁ କଲେଜ ର ଅଧକ୍ଷା ଡ. ପୂର୍ଣ୍ଣମାସୀ ଦେବୀ ସଭାପତିତ୍ୱ କରିଥିଲେ। ପରିଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ମଧୁସ୍ମିତା ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଞ୍ଜିଗଡ଼ର ମିଶନଶକ୍ତି କାଫେ ଏବେ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ

ଲାଞ୍ଜିଗଡ଼, (ମହାଭାରତ): ଲାଞ୍ଜିଗଡ଼ରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ସ୍ୱାବଲମ୍ବୀ ପାଇଁ ନିର୍ମାଣ ହୋଇଥିବା ମିଶନଶକ୍ତି କାଫେ ଏବେ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟି ଥିବା ବେଳେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ସ୍ୱାବଲମ୍ବୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ମିଶନଶକ୍ତି ଦ୍ୱାରା ମହିଳା ଶଶକ୍ତି କରଣ ଓ ମହିଳାଙ୍କ ସ୍ୱାବଲମ୍ବି ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ମହିଳା ଗୋଷ୍ଠି ସବୁ ଉପକୃତ ହୋଇଛନ୍ତି ।ସେ ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକର ଅନେକ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ମାନେ ନିଜସ୍ୱ ଉଦ୍ୟମରେ ଅନେକ ଗୁଡିଏ କାମ ହାତକୁ ନେଇଥିବା ବେଳେ ଆଜି ନିଜ ଗୋଡରେ ନିଜେ ଛିଡା ହୋଇ ନିଜ ପରିବାର ପ୍ରତିପୋଷଣ କରିପାରୁଛନ୍ତି ।ଏହି ପରିପ୍ରେକ୍ଷୀରେ



ମହିଳାମାନଙ୍କ ସ୍ୱାବଲମ୍ବି ପାଇଁ ସରକାର ଗୁରୁତ୍ୱ ଦେଇ ଲାଞ୍ଜିଗଡ ସ୍ଥିତ ବଜାରପଡା ସାପ୍ତାହିକ ହାଟ ଠାରେ ଏକ ମିଶନଶକ୍ତି କାଫେ ଲାଞ୍ଜିଗଡ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ମାଧ୍ୟମରେ ନିର୍ମାଣ କରିଥିଲେ। ୨୦୨୨ ଅଗଷ୍ଟ ୧୭ ତାରିଖରେ ଏହି ମିଶନଶକ୍ତି କାଫେକୁ ଉଦଘାଟନ କରିଥିଲେ ରାଜ୍ୟ ତତ୍କାଳୀନ ଆଦିବାସି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା,ତତ୍କାଳୀନ ରାଜ୍ୟସଭା ସାଂସଦ ସୁଜିତ କୁମାର ସେଠ,ତତ୍କାଳୀନ କଳାହାଣ୍ଡି ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡି,ଲାଞ୍ଜିଗଡ ବିଧାୟକ ପ୍ରଦିପ କୁମାର ଦିଶାରୀ ।ଏହି ମିଶନଶକ୍ତି କାଫେ ନିର୍ମାଣ କରିବା ଦ୍ୱାରା ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପକୃତ ହୋଇପାରିବେ ।ଏହି ମିଶନଶକ୍ତି କାଫେର ଦାଇତ୍ୱ ଅଞ୍ଚଳର ୫ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଦିଆଯାଇଥିବା ବେଳେ ଏହି କାଫେରେ ଓଡିଆ ଦେଶିଖାଦ୍ୟ ସହ ଅନେକ ସ୍ୱାଦିଷ୍ଟ ଖାଦ୍ୟ ବିକ୍ରି କରାଯିବ ।ଏହି କାଫେର ନିର୍ମାଣ ପାଇଁ ରାଜ୍ୟସରକାର ୧୫ଲକ୍ଷ ଟଙ୍କା ଅନୁଦାନ ରାଶି ଦେଇଥିବା ବେଳେ ମହିଳା ଗୋଷ୍ଠୀ ମାନେ ମଧ୍ୟ ୨ଲକ୍ଷ ରୁ ଉର୍ଦ୍ଧ୍ୱ ଅନୁଦାନ ଦେଇ ଏହି କାଫେ ନିର୍ମାଣରେ ସହଯୋଗ କରିଥିଲେ । ଏଥିରେ ୫ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦ଜଣ ଆଦିମ ଜନଜାତି ମହିଳା ପ୍ରତକ୍ଷ ଓ ପରକ୍ଷରେ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ ।ଏହି ମିଶନଶକ୍ତି କାଫେକୁ ଓଡିଶା ଆଦିମ ଜନଜାତି ସଶକ୍ତି କରଣ ଓ ଜୀବିକା ଉନ୍ନତି କରଣ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ସଙ୍ଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଓ ମିଶନଶକ୍ତି ବିଭାଗ ଓଡିଶା ସରକାର କାଫେ ନିର୍ମାଣ ପାଇଁ ସହାୟତା ପ୍ରଦାନ କରିଥିଲେ ।ଉଦଘାଟନର କିଛି ମାସ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ସୁରୁଖୁରୁରେ ଚାଲିଲା ।କିନ୍ତୁ ଆଜି ସେହି କାଫେ ୧ ବର୍ଷ ହେଲା ବନ୍ଦ ପଡିଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଖତ ଖାଉଛି ।କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ କୁ ମଧ୍ୟ ଦିଆଯାଉ ନଥିବା ବେଳେ ବର୍ତ୍ତମାନ ତାହା ଏବେ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟିଛି ବୋଲି ଲାଞ୍ଜିଗଡ଼ ବାସୀ ପ୍ରକାଶ କରିଛନ୍ତି।

## ପାରାଦୀପ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ଦ୍ୱାରା ଅସହାୟ ମହିଳା ଙ୍କୁ ଜରି ପାଲ ବଣ୍ଟନ



ପାରାଦୀପ (ମହାଭାରତ): ଜେଏସଡବ୍ଲୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସାଜନ ଜିନ୍ଦଲ ଙ୍କ ଜନ୍ମଦିନ ଅବସରରେ ପାରାଦୀପ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ପାରାଦ୍ୱୀପ ପକ୍ଷରୁ ଷଣ୍ଢକୁଦ ୧୯ ନମ୍ବର ୱାର୍ଡରେ ରହୁଥିବା ଗରିବ ଅସହାୟ ଲୋକ ମାନଙ୍କୁ ଶୁକ୍ରବାର ଦିନ ଜରି ପାଲ ବଣ୍ଟନ କରାଯାଇଥିଲା । ବର୍ଷା ଓ ଶୀତ ଦିନେ ସାଧାରଣରେ ଚଳିବା କଷ୍ଟକର ହୋଇପଡିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପାଲ ପ୍ରଦାନ କରାଯାଇଥିଲା । ଏହି କ୍ଷର୍ଯ୍ୟକ୍ରମରେ ସମିତି ର ମୁଖ୍ୟ ଅତିଥି ଭାବେ ସମାଜସେବୀ ଶାଶ୍ୱତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଡମ୍ପର ଆସୋସିଏସନ ର ସଭାପତି ବିଜୟ ନାୟକ,ଟ୍ରଷ୍ଟ ର ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର ଓ ଅରୁଣ କୁମାର ଓଝା ଯୋଗଦେଇ ଉପସ୍ଥିତ ଅସହାୟ ମାନଙ୍କୁ ପାଲ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ର ସଭାପତି ପ□ାନନ ବେହେରା,ଉପ ସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହସମ୍ପାଦକ କୈଳାଶ ଗୋଛାୟତ, ରଶ୍ମିତା ସାହୁ, ସୂର୍ଯ୍ୟ ଶିଖା ପଟନାୟକ,ରୀନା ମଲ୍ଲିକ, ମମତା ବିଶ୍ୱାଳ, ରୁନିଆ ଜେନା, ରାଜକିଶୋର ପଳାଉରୀ, ପ୍ରେମଲତା ବାରିକ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ ।

## ପାରାଦୀପ ବନ୍ଦର ପ୍ରାଧିକରଣ ର ସଚିବ ଭାବେ କୃଷ୍ଣ ବାପି ରାଜୁ ଙ୍କ ଦାୟିତ୍ୱ ଗ୍ରହଣ

ପାରାଦୀପ(ମହାଭାରତ) ପାରାଦୀପ ବନ୍ଦର ପ୍ରାଧିକରଣର ସଚିବ ଭାବେ କୃଷ୍ଣ ବାପି ରାଜୁ. ଜି ଗୁରୁବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜଣେ ପ୍ରତିଷ୍ଠିତ ଆଇନଗତ ଏବଂ ପ୍ରଶାସନିକ ବୃତ୍ତିଗତ ଭାବେ ସାର୍ବଜନୀନ କ୍ଷେତ୍ର ସଂଗଠନରେ, ବିଶେଷକରି ଭାରତର ପ୍ରମୁଖ ବନ୍ଦର କ୍ଷେତ୍ର ମଧ୍ୟରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି ।ଶ୍ରୀ ବାପି ରାଜୁ ଆଇନରେ ତାଙ୍କର କ୍ୟାରିଅର ଆରମ୍ଭ କରି କ୍ରମଶଃ ସାମ୍ବିଧାନିକ ସଂସ୍ଥା ଏବଂ ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସନିକ ଏବଂ ଆଇନଗତ ଭୂମିକା ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୧୯୯୫ ମସିହାରେ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ଜଣେ ଓକିଲ ଭାବେ ଆଠ ବର୍ଷ ପାଇଁ ଆଇନ ଅଭ୍ୟାସ କରିଥିଲେ। ୨୦୧୭ ମସିହାରେ ସେ ପାରାଦୀପ ବନ୍ଦରରେ ଉପମୁଖ୍ୟ ଆଇନ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକାଳ ମଧ୍ୟରେ, ତାଙ୍କୁ ଭିପିଏ ରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା, ଯାହା ଏହି କ୍ୟାଡରରେ ଦୁଇଟି ବନ୍ଦର ପାଇଁ ଏକକାଳୀନ କାର୍ଯ୍ୟ କରୁଥିବା ପ୍ରମୁଖ ବନ୍ଦର କ୍ଷେତ୍ରର ଇତିହାସରେ ଏକମାତ୍ର ଅଧିକାରୀ ହୋଇଥିଲେ। ତାଙ୍କୁ ନ୍ୟୁ ମାଙ୍ଗାଲୋର ବନ୍ଦର ପ୍ରାଧିକରଣ ର ବରିଷ୍ଠ ଉପସଚିବ ଭାବରେ ପଦୋନ୍ନତିରେ ସ୍ଥାନାନ୍ତର କରାଯାଇଥିଲା । ଶ୍ରୀ ବାପି ରାଜୁ ଜଣେ ସମସ୍ୟା ନିବାରକ ଭାବରେ ଭଲ ଖ୍ୟାତି ଅର୍ଜନ କରିଛନ୍ତି ଏବଂ ତାଙ୍କର ଆଇନଗତ ବିଶେଷଜ୍ଞତା ମାଧ୍ୟମରେ ଅନେକ ପ୍ରଶାସନିକ ଅଚଳାବସ୍ଥା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

## ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ



ପାର୍ଲାଖେମୁଣ୍ଡି,(ମହାଭାରତ):ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାରଳାଖେମୁଣ୍ଡିର ବାର୍ଷିକ କ୍ରୀଡା ଉତ୍ସବ ୦୩ ଡିସେମ୍ବରରୁ ଆରମ୍ଭ ହୋଇ ୦୪ ଡିସେମ୍ବର ୨୦୨୫ରେ ଉତ୍ସାହ-ଉତ୍ସବମୟ ପରିବେଶରେ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବରେ ଛାତ୍ରୀମାନଙ୍କ କ୍ରୀଡାନୈପୁଣ୍ୟ, କ୍ରୀଡା କୌଶଳ ଓ ଶୃଙ୍ଖଳାବଦ୍ଧତା ଦର୍ଶକମାନଙ୍କ ମନକୁ ଆକୃଷ୍ଟ କରିଥିଲା।ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପାରଳାଖେମୁଣ୍ଡି ପୌରପାଳିକାର ଅଧ୍ୟକ୍ଷା, ଶ୍ରୀମତୀ ନିର୍ମଳା ସେଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଯୁବ ସମ୍ଭାବନା, ଶାରୀରିକ କୌଶଳ ଓ କ୍ରୀଡାପ୍ରତି ପ୍ରତିବଦ୍ଧତାକୁ ଆପଣାଇ ଏକ ସୁସ୍ଥ ଓ ସୁରକ୍ଷିତ ଜୀବନ ବଞ୍ଚିବାକୁ ସେ ପରାମର୍ଶ ଦେଇଥିଲେ।କ୍ରୀଡା ପରିଷଦ ସଭାପତି ତଥା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ମହେନ୍ଦ୍ର ରଇତ ଉପସ୍ଥିତ ଛାତ୍ରୀ ମାନଙ୍କୁ କ୍ରୀଡା ମାନବଜୀବନର ଅବିଭାଜ୍ୟ ଅଂଶ। ଏହା ଶାରୀରିକ ସୁସ୍ଥତା ସହିତ ଚରିତ୍ର ଗଢ଼େ, ଶୃଙ୍ଖଳା ଶିଖାଏ ଓ ନେତୃତ୍ୱ ଗୁଣ ଉଭାସିତ କରେ ବୋଲି ବୁଝାଇଥିଲେ ଓ ବରିଷ୍ଠ କ୍ରୀଡା ପ୍ରଶିକ୍ଷକା ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡା ଉତ୍ସବର କ୍ରୀଡା ପରିଚାଳନା କରିଥିଲେ ଓ କ୍ରୀଡ଼ା ଉତ୍ସବରେ ରନିଂ, ଜମ୍ପିଂ, ଥ୍ରୋଇଂ, ଲମ୍ବା ଡିଆଁ, ଉଚ୍ଚ ଡିଆଁ, କବାଡ଼ି, ଅଖା ଦୌଡ ଏବଂ ଅନ୍ୟାନ୍ୟ ରୋମାଞ୍ଚକ ପ୍ରତିଯୋଗିତାରେ ଛାତ୍ରୀମାନଙ୍କ ହୃଦୟସ୍ପର୍ଶୀ ପ୍ରଦର୍ଶନ ଦେଖିବାକୁ ମିଳିଲା। ସର୍ବୋପରି ଛାତ୍ରୀମାନଙ୍କ ସାମୂହିକ ଉତ୍ସାହ ଓ ପରିଶ୍ରମ ପ୍ରଶଂସାନୀୟ ଥିଲା।ଏଥିରେ ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ଅନିତା ନାୟକ ଏ ବର୍ଷର ଚାମ୍ପିଅନ ଟ୍ରଫି ଜିତି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଉତ୍କୃଷ୍ଟ ପାରଦର୍ଶୀତା ଓ ମଲ୍ଟି-ଇଭେ□ ପ୍ରଦର୍ଶନକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଛନ୍ତି।କ୍ରୀଡ଼ା ପରିଷଦର ଉପ-ସଭାପତି ଶ୍ରୀ ଟି. ତେଜା ରାଓ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସମସ୍ତ ସହ-ସଭାପତି ଓ ବିଦ୍ୟାଳୟର ଶିକ୍ଷକ-କର୍ମଚାରୀ ଏହି ଉତ୍ସବକୁ ସଫଳ କରିବାରେ ସମନ୍ୱୟ ରୂପେ ଯୋଗଦାନ କରିଥିଲେ।

## କୋଚିଂ ସେଣ୍ଟର ରେ ରାଗିଙ୍ଗ ଘଟଣା

# ମାଡ଼ ମାରିଥିବା ତିନି ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ବାଳ ସୁଧାର ଗୃହକୁ ପଠାଇଲା ପୋଲିସ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବାରପୁରିକିଆ ସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ତଥା ହଷ୍ଟେଲ ମହାବୀର ବିଦ୍ୟାମନ୍ଦିର କୋଚିଂ ସେଣ୍ଟର ରେ ରାଗିଙ୍ଗ ଘଟଣାକୁ ନେଇ ଆଜି ପୋଲିସ ମାଡ଼ ମାରିଥିବା ତିନି ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ପଚରାଉଚରା ପରେ ନୟାଗଡ଼ ସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେପି)ରେ ହାଜର କରିବା ସହ ଅନୁଗୁଳ ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦେଇଛି। ଘଟଣାକୁ ନେଇ ତଦନ୍ତ ଚାଲିଥିବା ବେଳେ କୋଚିଂ ସେଣ୍ଟର ହଷ୍ଟେଲ ମାଲିକ ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ଗତକାଲି ପଚରାଉଚରା ପରେ ନୋଟିସି ଦେଇ ଛଡ଼ା ଯାଇଥିବା ପୋଲିସ କହିଛି। ସୂଚନା ମୁତାବକ ଦଶପଲ୍ଲାର ମହାବୀର ବିଦ୍ୟାପୀଠ ଘରୋଇ କୋଚିଂ ସେ□ରରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳ ର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ତାଙ୍କ ସିନିୟର ଦଶମ ଶ୍ରେଣୀ ଛାତ୍ର ଙ୍କ କାହିଁକି ଅଇଁଠା ବାସନ ଧୋଇନଥିବା ହେତୁ ତିନି ଜଣ ଦଶମ ଶ୍ରେଣୀର ଛାତ୍ର ଅଷ୍ଟମ ଶ୍ରେଣୀର ଏହି ଛାତ୍ର ଙ୍କୁ ଅମାନୁଷିକ ଭାବେ ମାଡ ମାରିଥିଲେ। ଏହି ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା।



ଘଟଣାଟି ତିନି ମାସ ତଳର ହୋଇଥିବା ବେଳେ ଏବେ ଏହା ସୋସିଆଲ ମିଡ଼ିଆ ରେ ଭାଇରାଲ୍ ହେବା ପରେ ଏହି ଘଟଣାକୁ ଦଶପଲ୍ଲା ପୋଲିସ ଗୁରୁତର ସହ ନେଇ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ମାଡ ମାରିଥିବା ତିନି ଜଣ ଦଶମ ଶ୍ରେଣୀ ଛାତ୍ର ଙ୍କ ସହ କୋଚିଂ ସେଣ୍ଟର ମାଲିକ ରଶ୍ମି ରଞ୍ଜନ ପଟ୍ଟନାୟକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିଲା। ତଦନ୍ତ ପରେ ପୋଲିସ ଉକ୍ତ ଦଶମ ଶ୍ରେଣୀ ତିନି ଛାତ୍ର ଙ୍କୁ ଜୁଭେନାଲ ବୋର୍ଡ ରେ ହାଜର କରି ବାଳ ସୁଧାର ଗୃହକୁ ପଠାଇବା ସହ କୋଚିଂ ମାଲିକ ଙ୍କୁ ନୋଟିସ୍ ଦେଇ ଛାଡିଛି। ଏପଟେ ଏହି ଘଟଣାକୁ ନେଇ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ବ୍ଲକ୍ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାର' ସିବିଆନ୍ ପ୍ରଧାନ ମିଳିତ ଭାବେ ହଷ୍ଟେଲ ଉପରେ ଚଢ଼ଉ କରିଛନ୍ତି। ହଷ୍ଟେଲରେ ପହଞ୍ଚି ବିଭିନ୍ନ ଦିଗ ଉପରେ ଯା□ କରିବା ସହ ହଷ୍ଟେଲ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହଷ୍ଟେଲରେ ରହିଥିବା ଛାତ୍ରଙ୍କୁ ବାହାର କରାଯିବା ପରେ ହଷ୍ଟେଲକୁ ସିଲ୍ କରି ଦିଆ ଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି କାଉନସିଲର

ଯୋଡ଼ା,୫/୧୨ (ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ପୌର ପୟଳିକୟ ର ବିଜେଡି ଓ ସ୍ୱାଧିନ କାଉନସିଲର ମାନେ ଭାଜପା ଦଳରେ ମିଶିବା ନେଇ ଚର୍ଚ୍ଚା ହେଉଛି ଯଗତ କିଛି ଦିନ ହେବ ୧୧ ଜଣ କାଉନସିଲର ଭୁବନେଶ୍ୱର ଗସ୍ତ କରି ଭାଜପା ର ଦଳୀୟ ନେତା ଙ୍କ ସହିତ ଆଲୋଚନା କରୁଥିବା ଖବର ପ୍ରଚାରିତ ହେଉଛି ଯଏହି ଘଟଣା ଜାଣିବା ପରେ ଯୋଡା ବିଜେଡି ମହଲ ରେ ମୁଖ୍ୟ ଆଲୋଚ୍ୟ ର ବିଷୟ ପାଲଟିଛି ଯସୂଚନା ଯୋଗ୍ୟ ଯେ,ଯୋଡା ପୌର ପୟଳିକା ରେ ଏବେ ୧୪ ଟି ୱାର୍ଡ ଗୁଡ଼ିକ ମଧ୍ୟରୁ ବିଜେଡ଼ି ର ୭ ଜଣ କାଉନସିଲର ,ଭାଜପା ର ୭ ଜଣ କାଉନସିଲର ଓ ସ୍ୱାଧିନ ର ୩ ଜଣ କାଉନସିଲର ରହିଛନ୍ତି ଯ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ଭାଜପା କାଉନସିଲର ମାନଙ୍କ ସହିତ ବିଜେଡି ଓ ସ୍ୱାଧିନ କାଉନସିଲର ଙ୍କ ଗସ୍ତ ବିଜେଡି ଶିବିର ର ରେ ଭାଲେଣି ପଡ଼ି ଯାଇଛି ଯ ଏ ନେଇ ଯୋଡା ପୌର ଉପାଧକ୍ଷୟ ସନ୍ଧ୍ୟା ପାତ୍ର କହିଛନ୍ତି ଯେ,ସେପରି ସୂଚନା ତାଙ୍କ ନିକଟରେ ନାହିଁ, ଯଯୋଡା ପୌର ଅଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ସ୍ମିତ ହାସ୍ୟ ଦେଇ ସମ୍ପୂର୍ଣ୍ଣ ନିରବି ଯାଇ ଥିଲେ ଯବିଜେଡି ଯୋଡା ନଗର ସଭାପତି ଚତୁର୍ଭୁଜ ପଲେଇ ଙ୍କୁ ପଚାରିବାରୁ ସେ କହିଥିଲେ ଯେ,ଭାଜପା ଦଳରେ ବିଜେଡି ଓ ସ୍ୱାଧିନ କାଉନସିଲର ମାନେ ମିଶିବା ନେଇ ଖବର ଜାଣିବା ପରେ ସେ କାଉନସିଲର ମାନଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଥିଲେ ହେଁ ସେମାନେ କେହି ଫୋନ ରିଶିଭ କରୁ ନ ଥିବା କହିଥିଲେ ଯଯୋଡା ରେ ୯ ନଂ ୱାର୍ଡ,୨ ନଂ ୱାର୍ଡ,୧୩ ନଂ ୱାର୍ଡ କାଉନସିଲର ମାନେ ଯୋଡା ରେ ଅଛନ୍ତି ମାତ୍ର ଅନ୍ୟ ୧୧ ଜଣ କାଉନସିଲର ଯୋଡା ରେ ନ ଥିବା ସେ ସୂଚନା ଦେଇଥିଲେ ଯତେଣେ ୧ ନଂ ୱାର୍ଡ ସ୍ୱାଧିନ କାଉନସିଲର ଭାନୁମତୀ ବାନୟ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାଉନସିଲର ମାନେ ମିଶି ଯୋଡା ପୌର ପୟଳିକୟ ର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଉଉୟନ ମୂଳକ କାର୍ଯ୍ୟ ପାଇଁ ଲିଖିତ ଭାବେ ଜଣାଇଛନ୍ତି ଯ

## ଚଳିତ ବର୍ଷ ଆଖୁ ଟନ ପିଛା ଦର ୪୫୦୦ ହେବ



ଆସିକା ୦୫/୧୨-ଚଳିତ ବର୍ଷ ଆସିକା ସମବାୟ ଚିନି ଶିଳ୍ପର ଆଖୁ ମୂଲ୍ୟ ନିର୍ଦ୍ଧାରଣ କମିଟିର ଏକ ବୈଠକ ଚିନି ଶିଳ୍ପ ପରିଚଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଙ୍କ ସଭାପତିତ୍ୱରେ ଚିନି କାରଖାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛିଯ ଆସିକା ଚିନି ଶିଳ୍ପର ଆଖୁ ଚାଷୀ ମାନେ ଦୀର୍ଘ ବର୍ଷ ହେଲା ଦର ବୃଦ୍ଧି କରିବା ପାଇଁ ବହୁ ପୂର୍ବରୁ ବିଭିନ୍ନ ସମୟରେ ଦାବୀ କରି ଆସୁଥିଲେଯ ଚଳିତ ଥର ଆଖୁ ଚାଷୀ ସଙ୍ଘ ଦାବୀ ଅନୁଯାଇ ଗତ ଜୁଲାଇ ମାସ ଠାରୁ ଏହି ଦିଗରେ ଚିନି ଶିଳ୍ପ ପରିଚାଳନା ପରିଷଦ ତରଫରୁ ବିଭିନ୍ନ ସରକାରୀ କତୃପକ୍ଷ ସହ ଆଲୋଚନା ପରେ ଗତ ୨୮ତାରିଖରେ ଗଞ୍ଜାମ ଜିଲ୍ଲପାଳ ଅଧକ୍ଷତାରେ ଚିନି ଶିଳ୍ପ ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲାଯ ଏହି ବୈଠକରେ ଆଖୁର ମୂଲ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲାଯ ଜିଲ୍ଲପାଳ ଆଖୁ ଚାଷୀଙ୍କ ସ୍ଥିତ ଓ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ପରେ ଚଳିତ ଥର ଆଖୁ ଟନ ପିଛା ୪୦୦୦ ଓ ବୋନସ ବାବଦକୁ ୫୦୦ଟଙ୍କା। ସର୍ବମୋଟ ୪୫୦୦ ପ୍ରଦାନ କରିବା ସହ ଅନୁନ୍ୟ ୬୦୦୦୦ଟନ ଆଖୁ ଆଖୁ ଉତ୍ପାଦନ କରିବା ପାଇଁ ବୈଠକରେ ପରାମର୍ଶ ଦେଇଥିଲେଯ ଏହି ବୈଠକରେ ଆଖୁ ଶିଳ୍ପ ପରିଚାଳନା ପରିଷଦ ଡାଇରେକ୍ଟର ସନ୍ତୋଷ ପ୍ରଧାନ, ଶ୍ରୀ ବସ୍ତ କୁମାର ଦଳେଇ, ଧନୁ ପ୍ରଧାନ, ରତ୍ନାକର ସାହୁ ଶତ୍ରୁଘ୍ନ ଭୂୟାଁ ଙ୍କ ସମେତ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଗଠନ କର୍ମକର୍ତା ଲଳିତ ମୋହନ ଦାସ ସମୀର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ବରଡ଼ ପ୍ରମୁଖ ଉପସ୍ଥିତ ଥିଲେଯ

## ବାଇକ ସହିତ କାର ଧକ୍କା ରେ ବାଇକ ଚାଳକ ଗୁରୁତର

କରଞ୍ଜିଆ,୫/୧୨ (ମହାଭାରତ) ଠାକୁରମୁଣ୍ଡା ବଜାର ର ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତା ରେ ଶୁକ୍ରବାର ସନ୍ଧ୍ୟାରେ ଏକ କାର ସହିତ ବାଇକ ମୁହାଁ ମୁହିଁ ଧକ୍କା ହୋଇ ବାଇକ ଚାଳକ ଗୁରୁତର ହୋଇଛନ୍ତିଯଗୁରୁତର ଥିବା ବାଇକ ଚାଳକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡା ଗ୍ରାମର ଶିରିଷ କୁମାର ମହାନ୍ତ (୪୦) ବୋଲି ଜଣାପଡିଛିଯମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ପ୍ରାୟ ୬ ଟା ବେଳେ ଶିରିଷ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତାରେ ଥିବା ପେଟ୍ରୋଲ ପମ୍ପ ରେ ନିଜ ବାଇକ ରେ ପେଟ୍ରୋଲ ଭ□ କରି ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଆର୍ଟିକା କାର ନମ୍ବର ଓଡ଼ି ୦୨ ସି ଏନ ୬୦୬୫ ସହିତ ପେଟ୍ରୋଲ ପମ୍ପ ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲାଯଦୁର୍ଘଟଣା ପରେ ତାଙ୍କୁ ଘଟଣାସ୍ଥଳ ରୁ ଉଦ୍ଧାର ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭ□ କରାଯାଇଥିଲାଯସେଠାରେ ତାଙ୍କୁ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡ଼ିକାଲ କୁ ସ୍ଥାନାନ୍ତର କରାଯାଇଛିଯଠାକୁରମୁଣ୍ଡା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଛି

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ରଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ବିଶ୍ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଶ୍ରୀ ଏମ.ପ୍ରକାଶ ରାଓ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଜପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବରେ ଗୋଷାଣୀ ଜିଲ୍ଲାପରିଷଦ ସଭ୍ୟ ଶ୍ରୀଯୁକ୍ତ ଏସ୍.ବାଲରାଜୁ,ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଆଧେକ୍, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଆର.ଉଦୟଗିରି ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ମଙ୍ଗରାଜ,ପ୍ରକଳ୍ପ ନିର୍ଦ୍ଦେଶକ, ମୃର୍ତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଗଜପତି ଶ୍ରୀଯୁକ୍ତ ସୁରେଶ କୁମାର ପଟ୍ଟନାୟକ , ଉପନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀ



ସଂଗ୍ରାମ ପରମ ଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ।ଏହି ଅବସରରେ ସୁସ୍ଥ ସହର ପାଇଁ ସୁସ୍ଥ ମୃର୍ତ୍ତିକା ବିଷୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ଉପସ୍ଥିତ ଚାଷୀଙ୍କୁ ଦିଗ୍ ଦର୍ଶନ ଦେବା ସହିତ ମୃତ୍ତିକାର ସୁରକ୍ଷା, ମୃତ୍ତିକାର ସ୍ୱାସ୍ଥ୍ୟକାର୍ଡ ଆବଶ୍ୟକତା, ବିନିଯୋଗ ମୃତ୍ତିକା ସଂରକ୍ଷଣ ଏବଂ ମୃତ୍ତିକା ପରୀକ୍ଷା ଉପରେ ଚାଷୀ ମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ସବୁକୁ ସଠିକ୍ ଭାବେ କାର୍ଯ୍ୟକାରୀ କରି ଚାଷୀମାନେ କିଭଳି ଭାବେ ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ ସେ ସଂପର୍କରେ ମଧ୍ୟ ଆଲୋଚନା କରଯାଇଥିଲା । ମୃତ୍ତିକା ସଂରକ୍ଷଣ ରଖିବାକୁ ହେଲେ ସମସ୍ତ ଜନସାଧାରଣ ଏକତା ହଇ ଗଛ ଲଗାଇବା ଓ ପଲିଥିନ୍ ବ୍ୟବହାର ନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। କୃଷକ ଭାଇ ଭଉଣୀ ମାନଙ୍କୁ ସୂଚନା ଦେଇ କୁହାଯାଇଥିଲା ଯେ ମୃର୍ତ୍ତିକା ସଂରକ୍ଷଣ ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ସହକାରୀ କୃଷି ଅଧିକାରୀ ଶ୍ରୀ ସୁରୋଜ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୁମ୍ମା ବ୍ଲକ କୃଷି ଅଧିକାରୀ ଶ୍ରୀ ନାରାୟଣ ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ସମସ୍ତ ବ୍ଲକର କୃଷି ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## କ୍ଲଷ୍ଟର ସ୍ତରୀୟ ୫୩ ତମ ରାଜ୍ୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ



କଳାହାଣ୍ଡି/ମହାଭାରତ:ପି.ଏମ୍. ଶ୍ରୀ. କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଆଜି କ୍ଲଷ୍ଟର ସ୍ତରୀୟ ୫୩ ତମ ରାଜ୍ୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି ।ବଲାଙ୍ଗୀର କ୍ଲଷ୍ଟର ର ୮ ଟି କେନ୍ଦ୍ରୀୟ ବିଦ୍ୟାଳୟ କେ.ଭି. ଭବାନୀପାଟଣା, କେ.ଭି. ଧର୍ମଗଡ, କେ,ଭି. ଖରିଆର, କେ.ଭି. ନୂଆପଡା, କେ.ଭି. ବଲାଙ୍ଗୀର ନ୧(ବଡ଼ମାଲ) କେ.ଭି. ବଲାଙ୍ଗୀର ନ୨, କେ.ଭି. ବରଗଡ, କେ.ଭି. ଟିଟିଲାଗଡ ସମୁଦାୟ ୮୩ ଜଣ ଛାତ୍ର ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନେ ସୂଚନଶୀଳ ଏବଂ ପ୍ରାୟୋଗିକ ବୈଜ୍ଞାନିକ ମୋଡେଲ୍ ପ୍ରଦର୍ଶନ କରି ସୃଜନଶୀଳତା, ସମସ୍ୟା ସମାଧାନ କୌଶଳ ଓ ବୈଜ୍ଞାନିକ ଧାରଣା ପ୍ରତି ତାଙ୍କର ଦକ୍ଷତା ଦେଖାଇଥିଲେ ।ଏହି ପ୍ରଦର୍ଶନୀର ମୂଲ୍ୟାଙ୍କନ କରିଥିଲେ ଡ. ସୁମନା ରାୟ ସିହଯୋଗୀ ପ୍ରଫେସର ଏବଂ ବିଭାଗ ମୁଖ୍ୟ, ଭୂଗୋଳ ବିଭାଗ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ଶ୍ରୀ ସୁଚିତ ମାଣ୍ଡାଲୀ, ସହଯୋଗୀ ପ୍ରଫେସର, ରସାୟନ ବିଭାଗ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡିଶ୍ରୀ ମିହିର କୁମାର ନାଥ, ସହଯୋଗୀ ପ୍ରଫେସର, ବିଦ୍ୟୁତ ଇଂଜିନିୟରିଂ ବିଭାଗ, ସରକାରୀ ଇଂଜିନିୟରିଂ କଲେଜ୍, କଳାହାଣ୍ଡି ଭବାନୀପାଟଣା ଜଡ଼ିତ ବିଚାରପତି ମାନେ ମଡେଲ ଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ। ଯାହାର ସୃଜନଶୀଳତା, ବୈଜ୍ଞାନିକ ପ୍ରବୃତ୍ତି, ପ୍ରାୟୋଗିକ ମୂଲ୍ୟ ଓ ପ୍ରସ୍ତୁତିକୁ ଆଧାର କରାଯାଇଥିଲା। ପି.ଏମ. ଶ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ର ଅଧକ୍ଷ ଶ୍ରୀ ଭୀମସେନ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତା ଓ ପ୍ରୟାସକୁ ସ୍ୱୀକୃତି ଦେଇଥିଲେ । ନ୍ୟାୟଧୀଶମାନଙ୍କୁ ଆଭାର ଜଣାଇଥିଲେ। ଚମତ୍କାର ମଡେଲ ଗୁଡ଼ିକୁ ରାଜ୍ୟସ୍ତରୀୟ ପର୍ଯ୍ୟାୟରେ ପାଇଁ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମକର୍ତ୍ତା ସଫଳ କରିବା ପାଇଁ ସହଯୋଗ କରିଥିଲେ।

## ପଡାଳ ଗ୍ରାମରେ ଶ୍ରୀ ଶ୍ରୀ ମା ମହାଲକ୍ଷ୍ମୀ ୪୦ ତମ ପୂଜା ଉତ୍ସବ



ଆସିକା,(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଜୟପୁର ପଚଂୟତ ପଡାଳ ଗ୍ରାମରେ ଶ୍ରୀ ଶ୍ରୀ ମା ମହାଲକ୍ଷ୍ମୀଙ୍କ ୪୦ ତମ ପୂଜା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପୂଜା ଉତ୍ସବ ଚଳିତ ମାର୍ଗଶୀର ଶୁକ୍ଳ ସପ୍ତମୀ ଗତ୨୭ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ଆସନ୍ତା ୪ ତାରିଖ ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ପଡାଳ ଗ୍ରାମରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ମୃଣ୍ମୟୀ ମୂର୍ତି ପ୍ରାଣ ପ୍ରତିଷ୍ଠା ହୋଇଥିଲା । ପ୍ରତ୍ୟେହ ପୂଜା ଓ ହୋମ କାର୍ଯ୍ୟ ହୋଇଥିବା ବେଳେ ପଡାଳ ଗ୍ରାମର ପୁରୋହିତ ସନ୍ତୋଷ ମିଶ୍ର ପୂଜା କାର୍ଯ୍ୟ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହି ଅବସରରେ ପଡାଳ ଗ୍ରାମ ଶ୍ରୀ ଶ୍ରୀ ମା ମହାଲକ୍ଷ୍ମୀ ଯୁବକ ସଂଘ ପକ୍ଷରୁ ଏକ ସାମାଜିକ ନାଟକ ପରିବେଷଣ କରାଯାଇଥିଲା । ଏହି ସାମାଜିକ ନାଟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘୁମୁସର ସାଙ୍ଗଠନିକ ଜିଲ୍ଲା, ଗଞ୍ଜାମ ପୂର୍ବତନ ସାଧାରଣ ସମ୍ପାଦକ ନାରାୟଣ ବେହେରା ଯୋଗ ଦେଇ ନାଟକକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଡାଳ ଗ୍ରାମର ସୁରଜ କୁମାର ଗୌଡ ସଂଯୋଜନା କରିଥିବା ବେଳେ ଗ୍ରାମ୍ୟ ମୁଖ୍ୟ ସୋମନାଥ ପଣ୍ଡା, ପଚଂନନ ପାଢୀ ତଦାରଖ ଦାୟିତ୍ୱ ତୁଲାଇଥିଲେ।ପଡାଳ ଗ୍ରାମରେ ମହାଲକ୍ଷ୍ମୀ ଯୁବ ନାଟ୍ୟକଳା ସଂସଦ ପକ୍ଷରୁ ଆୟୋଜିତ ଶ୍ରେଷ୍ଠ ସାମାଜିକ ନାଟକ ଆଖୀର ଜନମ କାନ୍ଦିବା ପାଇଁ କାଳଷଣ୍ଡପୁର ଅଚଂଳର ଜଣାଶୁଣା ନିର୍ଦ୍ଦେଶକ ମନୁ ବେହେରା ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିବା ବେଳେ ମୁଖ୍ୟ ସହନିର୍ଦ୍ଦେଶକ ବଳରାମ ସ୍ୱାଇଁ ଏବଂ ସହନିର୍ଦ୍ଦେଶକ ଚନ୍ଦନ କୁମାର ସ୍ୱାଇଁ ଭୂମିକା ଗ୍ରହଣ କରିଥିଲେ।

# ସରକାରୀ ଜମିରେ ଅବୈଧ ଦଖଲକାରୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ



ଉତ୍ତରାଖଣ୍ଡ : ଏଥର ସରକାରୀ ଜମିରେ ଅବୈଧ ଦଖଲ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି ଯେ ଉତ୍ତରାଖଣ୍ଡ ଏକ ଶାନ୍ତିପୂର୍ଣ୍ଣ ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ରାଜ୍ୟ, କିନ୍ତୁ କିଛି ସଂଗଠିତ ଗୋଷ୍ଠୀ ରାଜ୍ୟର ଜନସଂଖ୍ୟା ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି । ଉତ୍ତରାଖଣ୍ଡର କାଠଗୋଦାମରେ ଥିବା ଉଜଚର ଗ୍ରୁପ୍ ସେଣ୍ଟରରେ ଅନୁଷ୍ଠିତ ପୂର୍ବତନ ଅର୍ଦ୍ଧସାମରିକ ବାହିନୀର ଏକ ସମ୍ମିଳନୀରେ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ରାଜ୍ୟରେ ବେଆଇନ ଜବରଦଖଲ ଏବଂ ଜନସଂଖ୍ୟା ଗଠନକୁ ପରିବର୍ତ୍ତନ କରିବାର ପ୍ରୟାସ ଉପରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କିଛି ଉପାଦାନ ସରକାରୀ ଜମି, ଖାଲି ଜମି ଏବଂ ପାହାଡିଆ ଅଞ୍ଚଳରେ ବେଆଇନ ଭାବରେ ବସତି ସ୍ଥାପନ ଏବଂ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟ ସରକାର ଏପରି କୌଣସି ପ୍ରୟାସକୁ ସଫଳ ହେବାକୁ ଦେବେ ନାହିଁ ଏବଂ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜାରି ରଖିବେ।

ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି ଯେ ନିକଟ ଅତୀତରେ ରାଜ୍ୟର ଅନେକ ସ୍ଥାନରେ ଅବୈଧ ବସତି ଯୋଜନା କରାଯାଇଛି, ଏବଂ ଏହା ଜାଣିବା ପରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରାଯାଇଥିଲା । ସେ ବ୍ୟାଖ୍ୟା କରିଥିଲେ ଯେ ଉତ୍ତରାଖଣ୍ଡର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ବାହାର ରାଜ୍ୟର ଲୋକଙ୍କୁ ବେଆଇନ ଭାବରେ ପ୍ରଦାନ କରାଯାଇଥିଲା । ସରକାର ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏପରି ପ୍ରମାଣପତ୍ର ବାତିଲ କରିବା ସହିତ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲେ। ମୁଖ୍ୟମନ୍ତ୍ରୀ ଧାମି କହିଥିଲେ ଯେ ଉତ୍ତରାଖଣ୍ଡ ଏକ ଶାନ୍ତିପୂର୍ଣ୍ଣ ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ରାଜ୍ୟ, କିନ୍ତୁ କିଛି ସଂଗଠିତ ଗୋଷ୍ଠୀ ରାଜ୍ୟର ଜନସଂଖ୍ୟା ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି। ସେ କହିଥିଲେ ଯେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ରାଜ୍ୟର ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ସେ ପୂର୍ବତନ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀଙ୍କ ଅଭିଜ୍ଞତା ଏବଂ ସମର୍ପଣକୁ ପ୍ରଶଂସା କରି କହିଥିଲେ ଯେ ରାଜ୍ୟ ସର୍ବଦା ସେମାନଙ୍କ ସେବାକୁ ସମ୍ମାନ କରେ । ଅବୈଧ ନିର୍ମାଣ, ଜାଲ କାଗଜପତ୍ର ଆଧାରରେ ଜମି କ୍ରୟ ଏବଂ ବିକ୍ରୟ, ଏବଂ ସରକାରୀ ଜମି ଜବରଦଖଲ ଭଳି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି । ସେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି ଯେ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ପ୍ରଶାସନକୁ ତୁରନ୍ତ ରିପୋର୍ଟ କରନ୍ତୁ ଯାହା ଦ୍ୱାରା ଆଇନ ଅନୁଯାୟୀ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

# ଶେଷ ହେଲା ପୁଟିନଙ୍କ ଚର୍ଚ୍ଚିତ ଭାରତ ଗସ୍ତ



ନୂଆଦିଲ୍ଲୀ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ(ଠକ୍ଷବୟସଙ୍କସକ୍ସ ଚଙ୍କସ୍ପସଭ)ଙ୍କ ଭାରତ ଗସ୍ତ ଶେଷ ହୋଇଛି । ରାଷ୍ଟ୍ରପତି ଭବନରେ ତାଙ୍କ ସମ୍ମାନରେ ଆୟୋଜିତ ରାତ୍ରଭୋଜନରେ ଯୋଗ ଦେବା ପରେ ସେ ରୁଷ ଫେରିଯାଇଛନ୍ତି । ଏୟାରପୋର୍ଟରେ ତାଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କର ବିଦାୟ ଜଣାଇଥିଲେ ।

ପୁଟିନଙ୍କ ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ଥିଲା । କାରଣ ୟୁକ୍ରେନ ଯୁଦ୍ଧ ଶେଷ ପାଇଁ ପୁଟିନଙ୍କ ଉପରେ ପାଶ୍ଚାତ୍ୟ ଜଗତର ଚାପ ରହିଛି । ସେହିପରି ରୁଷ ସହ ସମ୍ପର୍କକୁ ନେଇ ଭାରତକୁ ଟାର୍ଗେଟ କରୁଛନ୍ତି ଆମେରିକା ଓ ୟୁରୋପୀୟ ଦେଶ । ଏସବୁ ଚାପ ମଧ୍ୟର ଭାରତ ଓ ରୁଷ ନିଜର ପୁରୁଣା ବନ୍ଧୁତାକୁ ବଜାୟ ରଖିଛନ୍ତି । ତେବେ ଭାରତର ଏପରି ରୁଷ ପ୍ରୀତି ପଛରେ ଟ୍ରମ୍ପଙ୍କ ଭାରତ ବିଦ୍ୱେଷ, ଟାରିଫ ଓ ପାକିସ୍ତାନ ସପକ୍ଷବାଦୀ ନୀତିକୁ ଦାୟୀ କରାଯାଉଛି । ଭ୍ଲାଦିମିର ପୁଟିନ ଦୁଇ ଦିନିଆ ଭାରତ ଗସ୍ତରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଦିଲ୍ଲୀରେ ପହଞ୍ଚିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ପ୍ରୋଟୋକଲ ଭାଙ୍ଗି ପୁଟିନଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରରେ ପହଞ୍ଚିଥିଲେ। ଏଥିପାଇଁ ପୁଟିନ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏବେ ଭ୍ଲାଦିମିର ପୁଟିନ ତାଙ୍କର ଦୁଇ ଦିନିଆ ଭାରତ ଗସ୍ତ ଶେଷ କରି ଦିଲ୍ଲୀରୁ ପ୍ରସ୍ଥାନ କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ତାଙ୍କୁ ବିମାନବନ୍ଦରରେ ବିଦାୟ ଦେଇଥିଲେ।

# ଭାରତ ପରେ ଏଡିନବର୍ଗ ଏୟାରପୋର୍ଟରେ ସମସ୍ୟା




ସ୍କଟଲାଣ୍ଡ: ଭାରତ ପରେ ଏବେ ଏଡିନବର୍ଗ ବିମାନବନ୍ଦରରେ ବିମାନ ଉଡ଼ାଣରେ ସମସ୍ୟା ଦେକାଦେଇଛି । ବିମାନବନ୍ଦରରେ ହଠାତ୍ ଉଡ଼ାଣ ଠପ୍ ହୋଇପଡିଥିଲା । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅନେକ ଉଡ଼ାଣ ବାତିଲ କରିବାକୁ ପଡିଥିଲା । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନ ଉଡ଼ାଣ ନିୟନ୍ତ୍ରଣ ପ୍ରଣାଳୀ ପ୍ରଭାବିତ ହୋଇଛି । ବିମାନ ଉଡ଼ାଣ ପ୍ରଭାବିତ ହେବାରୁ ଅନେକ ଯାତ୍ରୀ ବିମାନବନ୍ଦରରେ ଫସି ରହିଥିଲେ । ତେବେ ଉଡ଼ାଣ ବାତିଲ ହେବା ଯୋଗୁଁ ଯାତ୍ରୀଙ୍କ ସମସ୍ୟା ବଢିବାରେ ଲାଗିଥିଲା । ତୁରନ୍ତ ସମସ୍ୟା ଠିକ୍ କରିବା ପାଇଁ ଟିମ୍ ଲାଗିଥିଲେ । ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁସାରେ, ଟିମ୍ ଏହି ସମସ୍ୟାକୁ ତୁରନ୍ତ ଠିକ୍ କରିବେ । ଯାତ୍ରୀମାନେ ନିଜର ଏୟାରଲାଇନ୍ସ ସହିତ ସଂପର୍କ କରି ଉଡ଼ାଣ ବିଷୟରେ ସୂଚନା ପାଇପାରିବେ । ସ୍କଟଲାଣ୍ଡର ସବୁଠାରୁ ବ୍ୟସ୍ତ ବିମାନବନ୍ଦର ହେଉଛି ଏଡିନବର୍ଗ ।

# ଶୀତରେ ଥରୁଛି ଉତ୍ତର ଭାରତ

ନୂଆଦିଲ୍ଲୀ : ସମଗ୍ର ଉତ୍ତର ଭାରତ ଶୀତରେ ଥରୁଛି। ଶୁକ୍ରବାର ରାଜସ୍ଥାନ, ପଞ୍ଜାବ ଏବଂ ହରିୟାଣାର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ନିମ୍ନରେ ରହିଛି। ତେବେ କଶ୍ମୀର ଆକାଶରେ ବାଦଲ ଥିବାରୁ ଶୀତରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଦିଲ୍ଲୀରେ ଶୀତ ବଢ଼ିବା ସହ ବାୟୁ ଗୁଣବତ୍ତା ମାନ ଅତ୍ୟନ୍ତ ନିକୃଷ୍ଟ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି।

ରାଜସ୍ଥାନରେ ତାପମାତ୍ରା ସର୍ବନିମ୍ନ ରହିଛି। ଶୁକ୍ରବାର ସକାଳେ ସିକର ଜିଲାର ଫତେପୁରରେ ତାପମାତ୍ରା ୧.୯ ଡିଗ୍ରୀ ସେଲ୍ ?ସିୟସ୍ ? ରେକର୍ଡ କରାଯାଇଛି। ସେଠାର ୭ଟି ଜିଲାର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ସିକରରେ ହାରାହାରି ତାପମାତ୍ରା ୩ ଡିଗ୍ରୀ ହୋଇଥିବା ବେଳେ ନାଗୌରରେ ୩.୧, ଲୁଙ୍କାରନସରରେ ୩.୨, ଚୁରୁରେ ୪.୫ ଏବଂ ପିଲାନିରେ ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ପଞ୍ଜାବ ଓ ହରିୟାଣାରେ ହାଡ଼ଥରା ଶୀତ ଲାଗି ରହିଛି। ଉଭୟ ରାଜ୍ୟର ରାଜଧାନୀ ଚଣ୍ଡିଗଡ଼ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ କରାଯାଇଛି। ଶ୍ରୀନଗର ତାପମାତ୍ରା ଗୁରୁବାର ରାତିରେ ବିଯୁକ୍ତ ୪ ଡିଗ୍ରୀ ରେକର୍ଡ କରାଯାଇଛି, ଯାହାକି ପୂର୍ବ ତୁଳନାରେ ୪ ଡିଗ୍ରୀ ଅଧିକ।



# ପୂର୍ବତନ ଡିଏସ୍‌ପିଙ୍କ ଝିଅ ହାତ ଧରିଲେ ବୃନ୍ଦାବନର ପ୍ରବଚକ ଇନ୍ଦ୍ରେଶ ଉପାଧ୍ୟାୟ



ଜୟପୁର : ପ୍ରବଚକ ଇନ୍ଦ୍ରେଶ ଉପାଧ୍ୟାୟ ଏବଂ ପୂର୍ବତନ ଡିଏସ୍‌ପିଙ୍କ ଝିଅ ସିପ୍ରା ଜୟପୁରର ଏକ ହୋଟେଲରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ପ୍ରସିଦ୍ଧ ମଥୁରାର ପ୍ରବଚକ ଇନ୍ଦ୍ରେଶ ଉପାଧ୍ୟାୟଙ୍କ ବିବାହ ସମୟର ଫଟୋ ସାମ୍ନାକୁ ଆସିଛି। ଜୟପୁରର ଏକ ପ୍ରମୁଖ ହୋଟେଲରେ ଇନ୍ଦ୍ରେଶଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରବଚକଙ୍କ ସ୍ତ୍ରୀ ସିପ୍ରା ଶର୍ମା। ହରିୟାଣାର। ପ୍ରବଚକ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏବଂ କୁମାର ବିଶ୍ୱାସଙ୍କ ସମେତ ଅନ୍ୟ ଅନେକ ଅତିଥି ଏହି ବିବାହରେ ଯୋଗ ଦେଇଥିଲେ। ବିବାହ ଉତ୍ସବରେ କେବଳ କିଛି ନାମୀଦାମୀ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବାହାର ଲୋକଙ୍କ ପ୍ରବେଶ ପ୍ରତିବନ୍ଧିତ ଥିଲା। ସିପ୍ରା ହେଉଛନ୍ତି ପୂର୍ବତନ ଡିଏସ୍‌ପି ପଣ୍ଡିତ ହରେନ୍ଦ୍ର ଶର୍ମାଙ୍କ ଝିଅ। ତାଙ୍କ ପରିବାର ବର୍ତ୍ତମାନ ପଞ୍ଜାବର ଅମୃତସରରେ ବାସ କରନ୍ତି।

# ଘରୁ ଅଲଗା ହେବା ପରେ ପିତା ଲାଲୁଙ୍କୁ ମନେପକାଇ ରୋହିଣୀ

ପାଟନା : ବିହାର ନିର୍ବାଚନ ଫଳାଫଳ ପରେ ଲାଲୁ ପରିବାର ମଧ୍ୟରେ ବିବାଦ କୌଣସି ଗୁପ୍ତ କଥା ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଜଔଡ) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ପରିବାର ସହିତ ସମ୍ପୂର୍ଣ୍ଣ ସମ୍ପର୍କ ଛିନ୍ନ କରି ପାରିବାରିକ ବିବାଦର ଅନେକ ଗମ୍ଭୀର ଦାବି କରିଥିଲେ। ପାରିବାରିକ ବିବାଦର କିଛି ଦିନ ପରେ, ରୋହିଣୀ ଆଚାର୍ଯ୍ୟ ଏବେ ତାଙ୍କ ପିତା ଲାଲୁଙ୍କୁ ମନେ ପକାଇ ଏକ ଭାବପ୍ରବଣ ସୋସିଆଲ ମିଡିଆ ପୋଷ୍ଟ କରିଛନ୍ତି। ପ୍ରକୃତରେ, ରୋହିଣୀ ଆଚାର୍ଯ୍ୟ ଲାଲୁ ଯାଦବଙ୍କ ସହିତ ଏକ ତିନି ବର୍ଷ ପୁରୁଣା ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଲାଲୁ ହସ୍ପିଟାଲ ୟୁନିଫର୍ମରେ ଦେଖାଯାଉଛି। ରୋହିଣୀ କ୍ୟାପସନରେ ବ୍ୟାଖ୍ୟା କରିଛନ୍ତି ଯେ ଏହି ଫଟୋ ତାଙ୍କ ପିତା ଲାଲୁ ଯାଦବଙ୍କ ଅସ୍ତ୍ରୋପଚାର ସମୟରେ ଉଠାଯାଇଥିଲା, ଅର୍ଥାତ ଯେତେବେଳେ ସେ ତାଙ୍କ ପିତାଙ୍କୁ ତାଙ୍କର କିଡନୀ ଦାନ କରିଥିଲେ। ଫଟୋ ସହିତ, ରୋହିଣୀ ଆଚାର୍ଯ୍ୟ ଲେଖିଛନ୍ତି, 'କର୍ତ୍ତବ୍ୟର ଏକ ଦିନ। ଏହା ୫ ଡିସେମ୍ବର, ୨୦୨୨ ସକାଳ ୭ଟା ୩୭ ସମୟରେ, ଅସ୍ତ୍ରୋପଚାର ଆରମ୍ଭ ହେବା ପୂର୍ବରୁ ଏକ ଫଟୋ। ଆଜି ତିନି ବର୍ଷ ପୂରଣ ହେଉଛି। ମୋର ଈଶ୍ୱର ସଦୃଶ ପିତା ଯେପର୍ଯ୍ୟନ୍ତ ମୁଁ ବଞ୍ଚି ରହିବି ସେପର୍ଯ୍ୟନ୍ତ ବଞ୍ଚନ୍ତୁ। ମୋର ଆୟୁଷ ତାଙ୍କୁ ଲାଗିଯାଉ।' ୨୦୨୨ରେ, ରୋହିଣୀ ଆଚାର୍ଯ୍ୟ ତାଙ୍କ ପିତା ଲାଲୁ ଯାଦବଙ୍କ ଜୀବନ ରକ୍ଷା ପାଇଁ ତାଙ୍କର କିଡନୀ ଦାନ କରିଥିଲେ। ସେହି ସମୟରେ ରୋହିଣୀଙ୍କୁ ତାଙ୍କ ଝିଅ ଭଳି କର୍ତ୍ତବ୍ୟ ପାଇଁ ବହୁ ପ୍ରଶଂସା ମିଳିଥିଲା। କିନ୍ତୁ, ସମୟ ସହିତ, ରୋହିଣୀ ଏବଂ ଲାଲୁ ପରିବାର ମଧ୍ୟରେ ଫାଟ ସୃଷ୍ଟି ହେବା ଆରମ୍ଭ ହୋଇଥିଲା। ୨୦୨୫ ସୁଦ୍ଧା ପରିସ୍ଥିତି ଏତେ ଭୟଙ୍କର ହୋଇଗଲା ଯେ ରୋହିଣୀ ତାଙ୍କ ପରିବାର ସହିତ ସମସ୍ତ ସମ୍ପର୍କ ଛିନ୍ନ କରିଦେଲେ।

# ହଠାତ୍ ଆମେରିକାର ଭାରତ କଥା ମନେ ପଡ଼ିଲା



ନୂଆଦିଲ୍ଲୀ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ପରେ ହଠାତ୍ ଭାରତ ସହ ସମ୍ପର୍କ କଥା ମନେ ପକାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆମେରିକା ପକ୍ଷରୁ ଏବେ ଭାରତ ସହ ସମ୍ପର୍କକୁ ମଜବୁତ କରିବା କଥା କୁହାଯାଉଛି । ଆଜି ଆମେରିକା ଏହାର ଜାତୀୟ ସୁରକ୍ଷା ରଣନୀତି ପ୍ରକାଶ କରିଛି। ଏଥିରେ ଭାରତ ସହିତ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଦକ୍ଷିଣ ଚୀନ ସାଗରରେ ଏକୁଟିଆ ଚୀନକୁ ମୁକାବିଲା କରିବା ପରିବର୍ତ୍ତେ ଭାରତ ଏବଂ ଜାପାନ ଭଳି ଦେଶର ସହଯୋଗରେ ଆଗକୁ ବଢିବାକୁ ଏଥିରେ ଆହ୍ୱାନ କରାଯାଇଛି । ଭାରତ ମହାସାଗର ଅଂଚଳରେ ଯୁଦ୍ଧ ରୋକିବାକୁ ମଜବୁତ ଉପାୟ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ସେହିପରି ଚୀନକୁ ଏକ ଆର୍ଥିକ ଆହ୍ୱାନ ଭାବେ ଦେଖୁଛି ଆମେରିକା । ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରକାଶିତ ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତି ୟୁରୋପୀୟ ଦେଶଗୁଡ଼ିକୁ ଟାର୍ଗେଟ କରାଯାଇଛି । ଏଥିରେ କୁହାଯାଇଛି, 'ୟୁରୋପୀୟ ଦେଶଗୁଡ଼ିକ ଗଣତନ୍ତ୍ରକୁ ନଷ୍ଟ କରୁଛନ୍ତି ଏବଂ ୟୁକ୍ରେନରେ ଶାନ୍ତିକୁ ବାଧା ଦେଉଛନ୍ତି । ୟୁକ୍ରେନ କର୍ତ୍ତୃପକ୍ଷ ୟୁକ୍ରେନରେ ଯୁଦ୍ଧ ଶେଷ କରିବା ପାଇଁ ଆମେରିକାର ପ୍ରୟାସକୁ ବିଫଳ କରୁଛନ୍ତି ।' ଏହି ସୁରକ୍ଷା ଡକ୍ୟୁମେଣ୍ଟ ଅନୁଯାୟୀ, ୟୁରୋପୀୟ ଅର୍ଥନୀତିକୁ ସ୍ଥିର କରିବା, ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଏବଂ ରୁଷ ସହିତ ରଣନୈତିକ ସ୍ଥିରତା ଫେରାଇ ଆଣିବା ପାଇଁ, ଆମକୁ ଶତ୍ରୁତା ବନ୍ଦ କରିବାକୁ ପଡିବ।

# ନିଆରା ରିସେପସନ୍ ପାର୍ଟି, ନଥିଲେ ବର କନିଆଁ ହେଲେ ଆସୁଥିଲେ ଗେଷ୍ଟ



ବେଙ୍ଗାଲୁରୁ : ଏବେ ଖୁବ୍ ଚର୍ଚ୍ଚାରେ ଗୋଟେ ରିସେପସନ୍ ପାର୍ଟି । ଯେଉଁଠି ବର କନିଆଁ ସିଟରେ ସେମାନେ ନୁହନ୍ତି ବରଂ ବସିଥିଲେ ତାଙ୍କ ବାପା ମାଆ । ଏବଂ ଭୋଜିକୁ ଆସିଥିବା ଅତିଥି ମଧ ବର କନିଆଁ ବଦଳରେ ସେମାନଙ୍କୁ ଗିଫ୍ଟ ଖାମ୍ ଆଦି ଦେଇ ଯାଉଥିଲେ । ଷ୍ଟେଜ୍ ଉପରେ ବର କନିଆଁ ନାହାନ୍ତି ହେଲେ ଗେଷ୍ଟମାନେ ଷ୍ଟେଜ୍ ଉପରକୁ ଯାଉଛନ୍ତି ଆଉ ସାଙ୍ଗରେ ଆଣିଥିବା ଉପହାର ଦେଇ ଭୋଜି ଖାଇ ଯାଉଛନ୍ତି । କଣ ବା କରିବେ, ପରିସ୍ଥିତି ହିଁ ସେମିତି ଥିଲା । ଯେ ବାପା ମାଆ ଦୁଇଜଣ ବାଧ୍ୟ ହେଲେ ବରକନିଆଁ ସିଟରେ ବସି ପାର୍ଟିକୁ ମ୍ୟାନେଜ୍ କରିବେ ।

ଆଜ୍ଞା ଏସବୁ ହେଇଛି ଇଣ୍ଡିଗୋ ବିମାନ ପାଇଁ । ଇଣ୍ଡିଗୋ ଏୟାରଲାଇନ୍ସରେ ଦେଶବ୍ୟାପୀ କର୍ମଚାରୀ ଅଭାବ ଯୋଗୁଁ ବୁଧବାର ଦିନ ବ୍ୟାପକ ବିମାନ ଉଡ଼ାଣ ବାତିଲ ହୋଇଥିଲା। ଯାହାର ପରିଣାମ ସ୍ୱରୂପ କର୍ଣ୍ଣାଟକ ହୁବଲିରେ ଏକ ଅସାଧାରଣ ଘଟଣା ଦେଖିବାକୁ ମିଳିଥିଲା। ଯେଉଁଠାରେ ଏକ ବିବାହ ରିସେପସନ ଉତ୍ସବ ଭର୍ଚୁଆଲ୍ ଭାବରେ କରିବାକୁ ପଡିଥିଲା। ତେବେ ବାସ୍ତବରେ ଘଟଣା ଥିଲା କିଛି ଏହିପରି । ବେଙ୍ଗାଲୁରୁରେ ଉଭୟ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାମ କରୁଥିବା ହୁବଲୀର ମେଧା ଏବଂ ଭୁବନେଶ୍ୱରର ସଙ୍ଗମ ଦାସ ନଭେମ୍ବର ୨୩ରେ ଭୁବନେଶ୍ୱରରେ ବିବାହ କରିଥିଲେ। ତେବେ ସେମାନଙ୍କର ରିସେପସନ୍ ପାର୍ଟି ଡିସେମ୍ବରରେ ହୁବୁଳିର ଗୁଜୁରାଟ ଭବନରେ ଧାର୍ଯ୍ୟ କରାଯାଇଥିଲା । ଏଥିପାଇଁ ସବୁ ପ୍ରସ୍ତୁତି ବି ସରିଥିଲା ।

ଙ୍କବକ୍ସକ୍ସସବଶରଏହି ଦମ୍ପତି, ନିଜ ସମ୍ପର୍କୀୟମାନଙ୍କ ସହିତ, ଭୁବନେଶ୍ୱର-ବେଙ୍ଗାଲୁରୁ-ହୁବଲି ରୁଟରେ ଟିକେଟ୍ ବୁକ୍ କରିଥିଲେ। କିନ୍ତୁ, ସକାଳଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ବାରମ୍ବାର ଇଣ୍ଡିଗୋ ଫ୍ଲାଇଟ୍ ବିଳମ୍ବ ହେବା ଫଳରେ ପାଇଲଟ୍ ଅଭାବରୁ ଟିକେଟ୍ ବାତିଲ ହୋଇଥିଲା। ଶେଷରେ ବାଧ୍ୟ ହୋଇ ରିସେପସନ ଭର୍ଚୁଆଲ ଭାବରେ କରାଗଲା । ଯେଉଁଥିରେ ଉଭୟ ବରକନିଆଁ ମେଧା ଓ ସଙ୍ଗମ ଭୁବନେଶ୍ୱରରେ ରହି ଭର୍ଚୁଆଲରେ ରହିଲେ । ଆଉ କର୍ଣ୍ଣାଟକ ହୁବଲୀରେ ରିସେପସନ୍ ପାର୍ଟୀକୁ ଆସୁଥିବା ଲୋକ ସେମାନଙ୍କୁ ଭର୍ଚୁଆଲୀ ଆଶିର୍ବାଦ ଦେଇ ଭୋଜି ଖାଇ ଯାଇଥିଲେ ।

# ଆଜି ଚୂଡ଼ାନ୍ତ ଦିନିକିଆ

ବିଶାଖାପଟନମ,୫।୧୨: ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ୧-୧ରେ ବରାବର ରହିଛି । ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଶନିବାର ବିଶାଖାପଟନମରେ ଖେଳାଯିବ । ପ୍ରଥମ ଦିନିକିଆକୁ ଭାରତ ୧୭ ରନରେ ଜିତିଥିବା ବେଳେ ଦ୍ୱିତୀୟ ଦିନିକିଆ ଜିତି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା

## ତୃତୀୟ ଦିନିକିଆ ପାଇଁ ବାଦ୍ ପଡି ପାରନ୍ତି ଦୁଇ ଖେଳାଳି

ଦମଦାର ପ୍ରତ୍ୟାବର୍ତ୍ତନ କରିଛି । ତେଣୁ ନିର୍ଣ୍ଣାୟକ ମୁକାବିଲା ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି ।

ରୋହିତ ଶର୍ମା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ଅର୍ଦ୍ଧଶତକ ହାସଲ କରିଥିଲେ । ଦ୍ୱିତୀୟ ଦିନିକିଆରେ ଭଲ ଆରମ୍ଭ ମଧ୍ୟ କରିଥିଲେ । କିନ୍ତୁ ତାଙ୍କ ସହ ଓପନିଂ କରୁଥିବା ଯଶସ୍ୱୀ ଜୟସ୍ୱାଲ ଏ ପର୍ଯ୍ୟନ୍ତ ଦିନିକିଆରେ ଆଶାନୁରୂପ



ପ୍ରଦର୍ଶନ କରି ପାରି ନାହାନ୍ତି । ତଥାପି ଅଧିନାୟକ କେଏଲ ରାହୁଲ ଓ ଟିମ୍ ମ୍ୟାନେଜମେଣ୍ଟ ଜୟସ୍ୱାଲଙ୍କୁ ଆଉ ଏକ ସୁଯୋଗ ଦେଇ ପାରନ୍ତି । ତୃତୀୟ ନମ୍ବରରେ ବିରାଟ କୋହଲି ଥିବା ବେଳେ ଚ଼ତୁର୍ଥରେ ଋତୁରାଜ ଗାଏକ୍ୱାଡ । ଏହି ଦୁଇ ଖେଳାଳି ଦ୍ୱିତୀୟ ଦିନିକିଆରେ ମଦଦାର ଶତକ ହାସଲ କରିଥିଲେ ।

ପାଞ୍ଚ ନମ୍ବରରେ କେଏଲ ରାହୁଲ ବ୍ୟାଟିଂ କରି ପାରନ୍ତି, ଯିଏ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଷଷ୍ଠରେ ବ୍ୟାଟିଂ କରିଛନ୍ତି । ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଅଉ ଏକ ସୁଯୋଗ ମିଳିପାରେ । ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣା ପ୍ରଥମ ଦୁଇଟି ଦିନିକିଆରେ ନିରାଶ କରିଛନ୍ତି । ଏହି ଦୁଇଟି ମୁକାବିଲାରେ ସେ ମାତ୍ର ୩ଟି ୱିକେଟ୍ ନେଇଛନ୍ତି । ୱାଶିଂଟନ ସୁନ୍ଦର ମଧ୍ୟ ନିଜର ଖ୍ୟାତି ଅନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି । ତୃତୀୟ ଦିନିକିଆରେ ଏହି ଦୁଇ ଖେଳାଳିଙ୍କ ସ୍ଥାନ ମିଳିବା ନେଇ ଆଶଙ୍କା ରହିଛି । ସୁନ୍ଦରଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ସୁଯୋଗ ମିଳିପାରେ । ପ୍ରସିଦ୍ଧ କୃଷ୍ଣଙ୍କ ସ୍ଥାନରେ ନୀତିଶ କୁମାର ରେଡ୍ଡୀଙ୍କୁ ସାମିଲ୍ କରାଯାଇପାରେ । ଦ୍ରୁତ ବୋଲର ଭାବେ ଅର୍ଶଦୀପ ସିଂ ଓ ହର୍ଷିତ ରାଣା ନିଜର ସ୍ଥାନ ବଜାୟ ରଖିବେ । ତୃତୀୟ ଦିନିକିଆ ପାଇଁ ଭାରତର ସମ୍ଭାବିତ ଚୂଡ଼ାନ୍ତ ଏକାଦଶ

ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ, କେଏଲ ରାହୁଲ (ଅଧିନାୟକ/ୱିକେଟ କିପର), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଲଦୀପ ଯାଦବ ।

## ୱାସିମ ଆକ୍ରମଙ୍କୁ ଟପିଲେ ଷ୍ଟାର୍କ

ବ୍ରିସବେନ,୫।୧୨: ଅଷ୍ଟ୍ରେଲିଆ-ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଦ୍ୱିତୀୟ ଆଶେସ ଟେଷ୍ଟ ଆରମ୍ଭ ହୋଇଯାଇଛି ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ସବୁଠୁ ସଫଳ ବାମହାତୀ



ପେସର ହେବାର ରେକର୍ଡ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ୬ ଉଇକେଟ ସଫଳତା ପାଇବା ସହ ପାକିସ୍ତାନର ଲିଜେଣ୍ଡ ପେସର ୱାସିମ ଆକ୍ରମଙ୍କ ୪୧୪ ଟେଷ୍ଟ ଉଇକେଟ ରେକର୍ଡକୁ ଅତିକ୍ରମ କରିଛନ୍ତି।୩୫ ବର୍ଷୀୟ ଷ୍ଟାର୍କ ୧୦୨ତମ ଟେଷ୍ଟରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଥିବା ବେଳେ ଆକ୍ରମ ମୋଟ ଉପରେ ୧୦୪ ଟେଷ୍ଟ ଖେଳିଥିଲେ। ଷ୍ଟାର୍କ ଏବେ ଟେଷ୍ଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ୧୬ତମ ସ୍ଥାନରେ ରହିଛନ୍ତି।

## ୪୪ ରନ୍ ଆଗରେ ଅଷ୍ଟ୍ରେଲିଆ



ବ୍ରିସ୍‌ବେନ୍(ଅଷ୍ଟ୍ରେଲିଆ),୫।୧୨: ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟର ଶୁକ୍ରବାର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ। ପ୍ରଥମ ଇନିଂସରେ ୪୪ ରନ୍ ଅଗ୍ରଣୀ ଲାଭ କରିଛି। ଭ୍ରମଣକାରୀ ଦଳ ଖରାପ ବୋଲିଂ ବ୍ୟତୀତ ୫ କ୍ୟାଚ ହାତଛଡ଼ା କରିବାରୁ ଅଷ୍ଟ୍ରେଲିଆ। ବ୍ୟାଟର ଏଥିରୁ ଫାଇଦା ଉଠାଇଥିଲେ ଫଳତଃ ଦଳ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୭୮ରନ କରିପାରିଛି। ଓପନର ଜେକ୍ ୱିଥରାଲ୍ଡ ୭୮ ବଲ୍‌ରୁ ୭୨ ରନ, ମାର୍ନସ ଲବୁସେନ (୬୫) ପଛକୁ ପଛ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ କାମଚଳା ଅଧିନାୟକ ଷ୍ଟିଭ ସ୍ମିଥ୍ ୬୧ରନ ସଂଗ୍ରହ କରିନେଇଥିଲେ।

ଆଲେକ୍ସ କାରେ ବ୍ୟକ୍ତିଗତ ୨୫ ରନ କରି ଖେଳୁଥିବା ବେଳେ କ୍ୟାଚ ହାତଛଡ଼ା ହୋଇଯିବା ପରେ ଷ୍ଟମ୍ପ ଅପସାରଣ ବେଳକୁ ୪୫ ବଲ୍‌ରୁ ୪୬ରନ କରି ଅପରାଜିତ ରହିଥିଲେ ମାଇକେଲ ନେସରଙ୍କ ମଧ୍ୟ ଏକ କ୍ୟାଚ ହାତଛଡ଼ା ହୋଇଥିଲା ସେ ୧୫ ରନ କରି ଅପରାଜିତ ଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ କାରେ ଓ ନେସରଙ୍କ ମଧ୍ୟରେ ୭ମ ଉଇକେଟରେ ଅପରାଜିତ ୪୯ରନର ପାର୍ଟନରଶିପ୍ ହୋଇଯାଇଥିଲା।

ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୨୫/୯ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ୩୩୪ରେ ଅଲଆଉଟ ହୋଇଯାଇଥିଲା ।ଅଷ୍ଟ୍ରେଲିଆରେ ଇଂଲଣ୍ଡ ପାଇଁ ତାଙ୍କର ପ୍ରଥମ ଶତକ ହାସଲ କରିଥିବା ଜୋ ରୁଟ୍ ୧୩୮ ରନ କରି ଅପରାଜିତ ରହିଥିଲେ।

# ରୋହିତ-କୋହଲି ଚର୍ଚ୍ଚାକୁ ଭଜିଙ୍କ ନାପସନ୍ଦ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ବର୍ତ୍ତମାନର ମ୍ୟାନେଜମେଣ୍ଟକୁ ନେଇ ପୂର୍ବତନ ଭାରତୀୟ ଖେଳାଳି ହରଭଜନ ସିଂ ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ, ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଏମିତି ଲୋକ ସ୍ଥିର କରୁଛନ୍ତି, ଯେଉଁମାନେ ନିଜ କ୍ୟାରିୟରରେ କିଛି ଖାସ୍ ହାସଲ କରି ନାହାନ୍ତି । ସେ ଆଶା ପ୍ରକଟ କରିଛନ୍ତି ଯେ, ଏହି ଦୁଇ ତାରକା ବ୍ୟାଟର ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବେ । ରୋହିତ ୩୮ ବର୍ଷ ଏବଂ ବିରାଟ ୩୭ ବର୍ଷ କେବଳ ଦିନିକିଆ ଫର୍ମାଟ୍ ଖେଳୁଛନ୍ତି । ଉଭୟ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଖେଳିବେ କି ନାହିଁ ତାକୁ ନେଇ ଅନେକ ପ୍ରକାରର କଳ୍ପନା ଜଳ୍ପନା ଲାଗି ରହିଛି ।



ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏହା ଉପରେ କୌଣସି ପ୍ରତିବଦ୍ଧତା ପ୍ରକାଶ କରି ନାହାନ୍ତି ଯେ, ଏହି ଦୁଇ ଖେଳାଳି ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଖେଳିବେ କି ନାହିଁ । ହରଭଜନ ସାରଜାରେ କହିଛନ୍ତି ଯେ, ଏହା ମୁଁ ବୁଝି ପାରୁନି ଏବଂ ଏହାର ଜବାବ ବି ଦେଇ ପାରିବିନି । କାରଣ ମୁଁ ନିଜେ ଏମିତି ସ୍ଥିତି ସହ ଲଢ଼ିଛି । ଏହା ମୋ ସହିତ ମଧ୍ୟ ଘଟିଛି ଯାହା ବର୍ତ୍ତମାନ ରୋହିତ ଓ କୋହଲିଙ୍କ ଘଟୁଛି । ମୋର ଏମିତି ଅନେକ ସାଥୀ ଖେଳାଳିଙ୍କ ସହ ଏମିତି ଘଟଣା ଘଟିଛି । ଆମେ ଏହା ଉପରେ ଆଲୋଚ଼ନା କରୁ ନାହାନ୍ତି କିମ୍ବା ଏହା ଉପରେ କେହି ଆଲୋଚ଼ନା କରିବାକୁ ଚ଼ାହୁଁ ନାହାନ୍ତି ।

ଭାରତ ପାଇଁ ଟେଷ୍ଟ କ୍ରିକେଟରେ ୪୧୭ ୱିକେଟ୍ ନେଇଥିବା ହରଭଜନ କୋହଲି ଓ ରୋହିତଙ୍କ ସହ ହେଉଥିବା ବ୍ୟବହାର ନେଇ ଚ଼ିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ବିରାଟଙ୍କ ପରି ଖେଳାଳିଙ୍କୁ ଯେବେ ଦମଦାର ପ୍ରଦର୍ଶନ କରୁଥିବା ଦେଖୁଛି ବହୁତ ଖୁସି ଲାଗୁଛି । ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ, ସେହି ଲୋକେ ଦୁଇ ଖେଳାଳିଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରୁଛନ୍ତି ଯେଉଁମାନେ ନିଜ କ୍ୟାରିୟରରେ ଖାସ୍ କିଛି ହାସଲ କରି ପାରି ନାହାନ୍ତି । ଦିନିକିଆ ବିଶ୍ୱକପକୁ ଗୋଟିଏ ବର୍ଷରୁ ଅଧିକ ସମୟ ରହିଛି । ଆଶା କରୁଛି ରୋହିତ ଓ କୋହଲି ନିଜର ଫିଟନେସ୍ ବଜାୟ ରଖିବା ସହ ଭଲ ପ୍ରଦର୍ଶନ କରିବେ । ବିଶ୍ୱକପରେ ମଧ୍ୟ ଦମଦାର ପ୍ରଦର୍ଶନ କରିବେ ।

## ଶହୀଦ ବିର୍ସାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ମୟୂରଭଞ୍ଜ/ରାଇରଙ୍ଗପୁର,୫।୧୨: ଜାମଦା ବ୍ଲକ କଇଁପୁରସ୍ଥିତ ଶହୀଦ ବିର୍ସାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କ୍ରୀଡ଼ା ଶିକ୍ଷକ ରଜତ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକ ଭାବରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତ,ବରିଷ୍ଠ ଅଧ୍ୟାପକ ବଳରାମ ମହାନ୍ତ,ସୁକାନ୍ତ କୁମାର ମହାନ୍ତି ଉଦଘାଟନ କରିଥିଲେ ।ଏଥିରେ ଅନୁଷ୍ଠାନର ବିଦ୍ୟାର୍ଥୀମାନେ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରି ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ। ଅନ୍ତିମ ଦିବସରେ କ୍ରୀଡାବିତମାନଙ୍କୁ ଅଧ୍ୟକ୍ଷ ଓ ଅଧ୍ୟାପକ/ଅଧ୍ୟାପିକା ସମୂହ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ସତ୍ୟବାନ ସାହୁ,ଅଧ୍ୟାପିକା ଦୀପା ମହାନ୍ତ,ଇତିଶ୍ରୀ ମହାନ୍ତି,ପ୍ରିୟଙ୍କା ପାଟ୍ଟବନ୍ଧା,ଦିବ୍ୟସିଂ ଗିରି,ଜ୍ୟାତେ କିଶୋର ଗିରି ,ତପନ ଲେଙ୍କା,ଶାନ୍ତନୁ ଧଳ,ଲମ୍ବୋଧର ମହାନ୍ତ,ଚନ୍ଦ୍ର ଶେଖର ତ୍ରିପାଠୀ,ଉଲ୍ଲାସ ଚନ୍ଦ୍ର ବାରିକ୍ ,ଆର୍କେ ଗିରି,ମଧୁସୂଦନ ଗିରି,ଶକୁନ୍ତଳା ଟୁଡୁ,ମଙ୍ଗଳ ଟୁଡୁ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚ଼ାଳନା କରିଥିଲେ ଇଂରାଜୀ ଅଧ୍ୟାପକ ମାନସ କୁମାର ପରିଡ଼ା ସଭାକାର୍ଯ୍ୟ ପରିଚ଼ାଳନା କରିଥିଲେ ।

## ବିରାଟ-ରୋହିତଙ୍କ ସୁରକ୍ଷାରେ ବଡ଼ ତ୍ରୁଟି

ରାୟପୁର,୫।୧୨: ରାୟପୁରରେ ଖେଳାଯାଇଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ସମୟରେ ଖେଳାଳିଙ୍କ ସୁରକ୍ଷାରେ ବଡ଼ ଅବହେଳାର ପର୍ଦ୍ଦାଫାସ ହୋଇଛି ଏହି ମ୍ୟାଚ ସମୟରେ, ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱ ଡଜନ ଡଜନ ମାମଲାରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଦିଆଯାଇଥିଲା ଏହି ଘଟଣା ପରେ, ଛତିଶଗଡ଼ ରାଜ୍ୟ କ୍ରିକେଟ ସଂଘ ଏବେ ଯାଞ୍ଚ କରୁଛି ଏହି ସମ୍ପୂର୍ଣ୍ଣ ମାମଲା ସେତେବେଳେ ସାମ୍ନାକୁ ଆସିଥିଲା। ଯେତେବେଳେ ଏକ ଭିଡିଓରେ ରାୟପୁରର ଜଣେ ହିଷ୍ଟ୍ରି-ସିଟର ୱାସିମ ବାବୁଙ୍କୁ ଖେଳାଳିମାନଙ୍କ ସହିତ ଦେଖାଯାଇଥିଲା।

ୱାସିମ ବାବୁଙ୍କ ବିରୁଦ୍ଧରେ ଅଧା ଡଜନ ଅପରାଧିକ ମାମଲା ରୁଜୁ ହୋଇଛି ୱାସିମ ବାବୁ ରାୟପୁରରେ ଏକ ଘରୋଇ ସୁରକ୍ଷା ସଂସ୍ଥା ଚଳାନ୍ତି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ପାଇଁ, ୱାସିମଙ୍କ ସଂସ୍ଥା ପଡ଼ିଆ। ଏବଂ ଖେଳାଳିଙ୍କ ସୁରକ୍ଷା ପାଇଁ ଦାୟୀ ଥିଲା। ସୁରକ୍ଷା ପାଇଁ ଅପରାଧିକ ରେକର୍ଡ ଥିବା ଅନେକ ବାଉନ୍ସରଙ୍କୁ ନିୟୋଜିତ କରାଯାଇଥିବା ଦେଖାଯାଇଥିଲା ।ୱାସିମ ବାବୁଙ୍କ ରାୟପୁରରେ ଅପରାଧିକ କାର୍ଯ୍ୟକଳାପର ଏକ ଲମ୍ବା ଇତିହାସ ଅଛି ଛଅ ମାସ ପୂର୍ବରୁ, ରାୟପୁରର ଆମ୍ବେଦକର ହସ୍ପିଟାଲରେ ୱାସିମଙ୍କ ବାଉନ୍ସର ଏବଂ ଗଣମାଧ୍ୟମ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିଲା। ରିପୋର୍ଟରମାନେ ରାୟପୁରରେ ଏକ ଛୁରାମାଡ଼ ଘଟଣାର ରିପୋର୍ଟ କରିବାକୁ ଆସିଥିଲେ। ଏହି ସମୟରେ, ୱାସିମ ବାବୁଙ୍କ ବାଉନ୍ସର ରିପୋର୍ଟରଙ୍କୁ ଆହତ ବ୍ୟକ୍ତିଙ୍କ ବିଷୟରେ ରିପୋର୍ଟ କରିବାରୁ ବାରଣ କରିଥିଲେ। କେବଳ ଏତିକି ନୁହେଁ, ୱାସିମ ବାବୁ ଗଣମାଧ୍ୟମ କର୍ମଚାରୀଙ୍କୁ ହତ୍ୟା କରିବାକୁ ମଧ୍ୟ ଧମକ ଦେଇଥିଲେ। ଏହି ଘଟଣା ଜାଣାପଡିବା ପରେ, ରାୟପୁର ପୋଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୱାସିମ ବାବୁଙ୍କୁ ହାତକଡି ପିନ୍ଧାଇ ସହରରେ ଏକ ଶୋଭାଯାତ୍ରା ବାହାର କରିଥିଲା

## ବିକଶିତ ଭାରତ ଗଠନରେ କ୍ରୀଡ଼ାର ଗୁରୁତ୍ୱ ରହିଛି

ଧାମନଗର,।୫/୧୨ ବିଧାନସଭା ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ମୁଖ୍ୟ ଅତିଥି ରୂପେ ଧାମନଗରସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେବିଶିଷ୍ଟ ଅତିଥି ଭାବେ ସମାଜସେବୀ ଭଗବାନ ପଣ୍ଡା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି



ଅଶୋକ କୁମାର ପୁହାଣ,ନଗର ପ୍ରତିନିଧି କୈଳାସ ମହାପାତ୍ର,ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା,ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଇଓ ପ୍ରଫୁଲ୍ଲ ସାହୁ,ଅରବିନ୍ଦ ପତି,ଧାମନଗର ପ୍ରେସ କ୍ଲବର ପୂର୍ବତନ ସଭାପତି ବୈକୁଣ୍ଠ ନାଥ ସାହୁ,ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା,ଆଇନଜୀବୀ ବିଜୟ ରାମ,ସମାଜସେବୀ ପ୍ରଶାନ୍ତ ପରିଡ଼ା,ନାରାୟଣ ସାହାଣି,ପ୍ରମୋଦ ସୂତାର,ଜଗଦୀଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେବିକଶିତ ଭାରତ ଗଠନ ଦିଗରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହି କ୍ଷେତ୍ରର ସର୍ବବିଧ ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ସାଂସଦ ଖେଳ ମହୋତ୍ସବ ପରିକଳ୍ପନା ଉଲ୍ଲେଖଯୋଗ୍ୟ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେଏବିଓ ସତ୍ୟ ସୁନ୍ଦର ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିଲେପ୍ରଥମ ଦିନରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାଉଭୟ ବାଳକ ଓ ବାଳିକା ୧୪ ଏବଂ ୧୬ ବର୍ଷରୁ କମ ବର୍ଗରେ ମୋଟ ୨୮୯ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେମାନସ ରଞ୍ଜନ ନାୟକଙ୍କ ସଂଯୋଜନାରେ ତନ୍ମୟ ବେହେରା,ରବି ନାରାୟଣ ସାହୁ,ସୁଧାକର ମହାନ୍ତି,ସୁନିଲ ସାହୁ,ସୁରଜିତ ଭୋଇ,ଶୈଳବାଳା ନାଥ,ସ୍ୱର୍ଣ୍ଣଲତା ବେହେରା,ରଜନୀ ମହାଳିକ ପ୍ରମୁଖ ପରିଚ଼ାଳନା କରିଥିଲେ। ଆସନ୍ତାକାଲି ଦୋବଲ କାଳୀ ପଡ଼ିଆରେ ଦ୍ୱିତୀୟ ଦିନର ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

### ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି

# ସେମି ଫାଇନାଲରେ ଭାରତ-ଜର୍ମାନୀ

ଚେନ୍ନାଇ,୫।୧୨: ସାତ ଥର ଚାମ୍ପିୟନ ଜର୍ମାନୀ ଶୁଟ୍ ଆଉଟ୍‌ରେ ଫ୍ରାନ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରି ଚଳିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଭାରତ ୩-୧ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବେଲଜିୟମକୁ ହରାଇ ସେମିରେ ପ୍ରବେଶ କରିଛି।

ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହେବା ଦ୍ୱାରା ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା।

ଶୁଟ୍ ଆଉଟରେ ଜର୍ମାନୀ ପକ୍ଷରୁ ଜୋନାସ ଭନ୍ ଜେରସମ୍, ଜଷ୍ଟସ ୱାରୱିଗ୍ ଓ ଲୁକାସ କୋସେଲ ଗୋଲ ସ୍କୋର କରି ବାରେ ସଫଳ ହୋଇଥିବା ବେଳେ ଜର୍ମାନୀ ତରଫରୁ ଏକ ମାତ୍ର ଗୋଲ ଦେଇଥିଲେ ଆରିଷ୍ଟିଡ୍ ମିଚେଲିସ୍। ଏହି ମ୍ୟାଚରେ ଜର୍ମାନୀର ବିଜୟରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲେ। ଦଳର ଗୋଲକିପର ଜାସ୍ପର ଡିଜର କେବଳ



ଶୁଟ୍ ଆଉଟ ନୁହେଁ, ସମଗ୍ର ମ୍ୟାଚରେ ସେ ଚମତ୍କାର ଗୋଲ୍ ରକ୍ଷଣ କରିଥିଲେ। ସୂଚନାଯୋଗ୍ୟ, ୨୦୨୩ ସଂସ୍କରଣ ଫାଇନାଲରେ ଜର୍ମାନୀ ୨-୧ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା।

## ସାଂସଦ ଖେଳ ମହୋତ୍ସବର ମଶାଲ ଶୋଭାଯାତ୍ରା

କୋଇଡା,୫।୧୨: ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୋଇଡା ବ୍ଲକରେ ସାଂସଦ ଖେଳ ମହୋତ୍ସବ ୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ଅବସରରେ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଖେଳ ମହୋତ୍ସବ ରେ ବିଭିନ୍ନ ବର୍ଗର ଦଳଗତ ଖେଳ, ଆଥଲେଟିକ୍ସ ଓ ପାରମ୍ପରିକ ଖେଳକୁ ସାମିଲ କରାଯାଇଛି ଏହି ଖେଳ ପ୍ରଥକ ପଂଚାୟତ ସ୍ତରରେ ଅନୁଷ୍ଠିତ ହେବ ଏହି ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ ଅବସରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା କୋଇଡା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ କୋଇଡା ବସ ଷ୍ଟାଣ୍ଡ, ଓଏମଏମ ଛକ, ଗୋପପୁର ସାହି, ଥାନା ଛକ କୋଇଡା ବଜାର,ଦେଇ କୋଇଡା ବସ ଷ୍ଟାଣ୍ଡ ଠାରେ ଶୋଭାଯାତ୍ରା ଶେଷ ହୋଇଥିଲା । ଏହିଅବସରରେ କୋଇଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମେନ୍ଦ୍ର ସର, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ସାଂସଦ ଖେଳ ମହୋତ୍ସବର ବଣାଇ ସବଡିଭିଜନାଲ ସଞ୍ଜୋଜକ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଜି ଙ୍କ ପ୍ରତିନିଧି ଚେତନ ଦୀପ୍ତ ନାୟକ, କୋଇଡା ମଣ୍ଡଳ ସଭାପତି ରାମ ଚନ୍ଦ୍ର ପଲେଇ, ମିଲେରୀ ବାଜେ, ଦିଲ୍ଲୀପ ପାତ୍ର, ରାଜେନ୍ଦ୍ର ରଣା, ଦୀପକ ବାର୍ଲା, ସୋନୁ ଜୈଶ୍ୱାଲ , କୋଇଡା 'ଖ' ଜିଲ୍ଲା ପରିଷଦ ଅଶୋକ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ଟି-୨୦ ୱାର୍ଲ୍ଡ କପ୍ ୨୦୨୬ର ଜର୍ସି ଉନ୍ମୋଚନ କଲା ବିସିସିଆଇ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ ଦଳର ଅଫିସିଆଲ୍ କିଟ୍ ପ୍ରାୟୋଜକ ଆଡିଡାସ୍ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସହଭାଗିତାରେ ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଟିମ୍ ଇଣ୍ଡିଆ ଟି -୨୦ ବିଶ୍ୱକପ୍ ୨୦୨୬ର ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଥମ ମୁହୂର୍ତ୍ତରେ, ଷ୍ଟାଡିୟମ ଭିତରେ ଥିବା ପ୍ରଶଂସକମାନେ ପ୍ରଥମ ଥର ପାଇଁ ଜର୍ସି ଦେଖିଥିଲେ, କାରଣ ଭାରତ ବନାମ ଦକ୍ଷିଣ ଆଫ୍ରିକା ଦିନିକିଆ ସମୟରେ ନାଟକୀୟ ଭାବରେ ପଡ଼ିଆରେ ଏକ ଜୀବନ-ଆକାରର ସଂସ୍କରଣ ଉନ୍ମୋଚିତ ହୋଇଥିଲା, ଯାହା ଏହି ପ୍ରକାଶକୁ ଭାରତୀୟ କ୍ରିକେଟର ଷ୍ଟାଡିୟମ-ବ୍ୟାପି ଉତ୍ସବରେ ପରିଣତ କରିଥିଲା।

ଏହି ଐତିହାସିକ ଖୁଲାସା ପ୍ରଶଂସକଙ୍କୁ ଖେଳର ନିକଟତର କରିବା ଏବଂ ଜର୍ସିକୁ ଖେଳାଳି, ପ୍ରଶଂସକ ଏବଂ ଦେଶ ମଧ୍ୟରେ ଏକତାର ଏକ ଶକ୍ତିଶାଳୀ ପ୍ରତୀକ କରିବା ପାଇଁ ଆଡିଡାସ୍ ଏବଂ ବିସିସିଆଇର ସହଭାଗୀ ଅଭିଳାଷକୁ ପ୍ରତିଫଳିତ କରେ ।ନୂତନ ଜର୍ସି ବୋଲ୍ଡ, ନଷ୍ଟାଲଜିକ୍ ଡିଜାଇନ୍ ସଙ୍କେତ ସହିତ ଏକ ଆଧୁନିକ ଉଚ୍ଚ-କାର୍ଯ୍ୟଦକ୍ଷତା ସିଲୁଏଟ୍ ମିଶ୍ରଣ କରେ । ୧୯୯୦ ଦଶକର ଆଇକନିକ୍ ଷ୍ଟ୍ରାଇପ୍ ଇଣ୍ଡିଆ ଜର୍ସିରୁ ପ୍ରେରଣା ପାଇ ଏହି କିଟ୍ ଏକ ରେଟ୍ରୋ ମୋଡ଼ ସହିତ ସମସାମୟିକ ଢାଂଚା ନୂତନତ୍ୱର ପରିଚୟ ଦେଇଛି, ଯେତେବେଳେ କି ୨୦୨୪ ଟି -୨୦ ବିଶ୍ୱକପ୍ ବିଜେତା ଜର୍ସିରୁ କିମ୍ବଦନ୍ତୀ ନେକଲାଇନକୁ ବଜାୟ ରଖିଛି । ଅଧିକ ତୀବ୍ର ଉଷ୍ମ-ପାଗ ଅବସ୍ଥାର ମୁକାବିଲା କରିବା ପାଇଁ, ବଡି-ମ୍ୟାପ୍ ହୋଇଥିବା ୩ଡି ଇଞ୍ଜିନିୟରିଂ ମେକାନିକାଲ୍ ଷ୍ଟ୍ରେଚ୍ କପଡା ଆଡିଡାସ୍‌ର ସର୍ବଶେଷ କ୍ଲିମାକୁଲ୍+ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରି ଦ୍ରୁତ ଗତିରେ ଝାଳ ବାହାରିଥାଏ, ଯାହା ଖେଳାଳିମାନଙ୍କୁ ଅଧିକ ସମୟ ପାଇଁ ଶୁଷ୍କ ରଖେ । ଛିଦ୍ରଯୁକ୍ତ ପ୍ରଶସ୍ତ ୩-ଷ୍ଟ୍ରାଇପ୍ ଟେପ୍ ଚରମ ଶ୍ୱାସକ୍ରିୟାକୁ ସକ୍ଷମ କରେ, ଯେତେବେଳେ ଉଭୟ କପଡା ଏବଂ ଟ୍ରିମ୍ ଉପରେ ରଣନୀତିକ ଭାବରେ ରଖାଯାଇଥିବା ଜାଲ ଛିଦ୍ର ସର୍ବୋତମ-ଶ୍ରେଣୀର ବାୟୁ



ବ୍ୟାପକତା ପ୍ରଦାନ କରେ, ଯାହା ସର୍ବାଧିକ ଚାହିଦା ଥିବା ଜଳବାୟୁରେ ମଧ୍ୟ ସର୍ବୋତମ ବାୟୁ ଚଳାଚଳ ସୁନିଶ୍ଚିତ କରେ ।ଆଡିଡାସ୍ ଇଣ୍ଡିଆର ଜିଏମ୍ ବିଜୟ ଚୌହାନ କହିଛନ୍ତି: 'ଆଡିଡାସ୍ ଆମ କ୍ରିକେଟରମାନଙ୍କ ପାଇଁ ବିଶ୍ୱ ସ୍ତରୀୟ ପ୍ରଦର୍ଶନ ଗିୟର ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ପ୍ରତ୍ୟେକ ଜର୍ସିରେ ଏହାକୁ ପିନ୍ଧୁଥିବା ଖେଳାଳି, ଏହାକୁ ଚାମ୍ପିଅନ୍ କରୁଥିବା ପ୍ରଶଂସକ ଏବଂ ଏହା ପ୍ରତିନିଧିତ୍ୱ କରୁଥିବା ଐତିହ୍ୟର କାହାଣୀ ବହନ କରେ । ବିସିସିଆଇ ସହ ମିଶି ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଏହି ଜର୍ସି ଉନ୍ମୋଚନ କରି ଆମେ ଗର୍ବିତ। ଆଗାମୀ ଟୁର୍ଣ୍ଣାମେଟ୍, ବିଶେଷ କରି ବିଶ୍ୱକପରେ ଦେଶ ଗର୍ବର ସହିତ ଏହି ରଙ୍ଗ ପିନ୍ଧିବା ଦେଖିବା ପାଇଁ ଆମେ ଅପେକ୍ଷା କରିପାରିବୁ ନାହିଁ ।'

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ